## ସଂକ୍ଷେପରେ

### ଗାଁ ମୁହାଁ ଭାଲୁ, ଲୋକେ ଭୟଭୀତ



କୋକସରା,୧୯।୯ (ଦୁଷ୍ମନ୍ତ କୁମାର ପାଇଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ୍ କନ୍ଧାବୁଟ୍ରା ପଞ୍ଚାୟତ ଘୁର୍ଲୁଗୁଡ଼ା ନିକଟରେ ଏକ ଭାଲୁ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କିଛିଦିନ ତଳେ କନ୍ଧାବୁଟ୍ରାର ଚାଷୀ ପୂର୍ଣ୍ଣଚନ୍ଦ୍ର ମାଝିଙ୍କୁ ଭାଲୁ ଆକ୍ରମଣ କରିଥିବା ବେଳେ ବର୍ତ୍ତମାନ ସେ ଭବାନୀପାଟଣା ସରକାରୀ ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ଦିନ ଦ୍ୱିପ୍ରହରରେ ଭାଲୁ ବୁଲୁଥିବାରୁ ଚାଷୀମାନେ ଭୟରେ ଜମିକୁ ଯାଇପାରୁ ନ ଥିବା କହିଛନ୍ତି। କୋକସରା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ଏହି ଅଞ୍ଚଳରେ ଲୋକଙ୍କୁ ସୁରକ୍ଷା ସହ ଭାଲୁକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ କୋକସରା ଫରେଷ୍ଟର ରଶ୍ମି ରଞ୍ଜିତା ନାଏକଙ୍କୁ ପଚାରିବାରୁ ଖବର ମିଳିଛି, ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯିବା ସହ ଭାଲୁ ଚଲାପଥରେ ଯିବା ପାଇଁ ବାରଣ କରାଯାଇଛି ବୋଲି କହିଛନ୍ତି।

### ଲଦୁଗାଁ ପିଏଚ୍‌ସିରେ ମାନସିକ ରୋଗ ଚିକିତ୍ସା ଶିବିର

କୋକସରା,୧୯।୯ (ଦୁଷ୍ମନ୍ତ କୁମାର ପାଇଯୋଷୀ): କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୋଜନରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଲଦୁଗାଁଠାରେ ଗୁରୁବାର ମାନସିକ ରୋଗ ଚିହ୍ନଟ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡିପିଏଚ୍‌ଓ ଡ଼. ରାଜେଶ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ମାନସିକ ରୋଗ ଡ଼. ପ୍ରବୀଣ କୁମାର ସାହୁ ଶିବିରକୁ ଆସିଥିବା ୧୮ଜଣ ମାନସିକ ରୋଗୀଙ୍କୁ ପରୀକ୍ଷା କରିବା ସହ ଚିକିତ୍ସା କରିଥିଲେ। ଏଥିରେ କୋକସରା ସିଏଚ୍‌ସି ଭାରପ୍ରାପ୍ତ ଡା. ତତ୍ତ୍ୱଦର୍ଶୀ ଦାସ, ଜନସାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶର୍ମିଳା ଛତ୍ରିଆ, ବିପିଏଚ୍‌ଓ ସୁରଜିତ କୁମାର ସିଂ, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡା ମାଜି, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ନର୍ସିଂ କର୍ମଚାରୀ ରୋଜାଲିନା ମଲ୍ଲିକ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶ୍ରବଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

### ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନତା

ଖଡ଼ିଆଳ,୧୯।୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଖଡ଼ିଆଳ ସହର ଗଠନ ନେଇ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କର୍ମଚାରୀମାନେ ବିଭିନ୍ନ ଦୋକାନକୁ ଯାଇ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ କିଛି ଦୋକାନୀଙ୍କଠାରୁ ୯୮୦୦ ଜରିମାନା ଆଦାୟ କରିଥିଲେ। କର୍ମଚାରୀ ବୃଷବ ସିଂ ବାବୁ, କାନ୍ତିଲାଲ ସତନାମୀ, ନିରଞ୍ଜନ ବାଗ, ବିରଜା ତାଣ୍ଡି, ଅର୍ଜୁନ ନିଆଲ, ରାଜା ଛତ୍ରିଆ ପ୍ରମୁଖ ସାମିଲ ହୋଇଥିଲେ।



ବାର୍‌ହା ପଲ ଦ୍ୱାରା ନଷ୍ଟ ହୋଇଥିବା ମକାଚାଷ।

# ବାର୍‌ହା ପଲ ଦ୍ୱାରା ମକା ଚାଷ ନଷ୍ଟ

ନୂଆପଡ଼ା,୧୭।୯ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକରେ ବାର୍‌ହା ପଲ ମକାଚାଷ ନଷ୍ଟ କରୁଥିବାରୁ ଚାଷୀମାନେ ଚିନ୍ତାରେ ଅଛନ୍ତି। କୋମନା ବ୍ଲକ ଜଟଗଡ ଗାଁର ଅନ୍ତ ସାହୁଙ୍କ ଅଭିଯୋଗ କ୍ରମେ ସେ ପ୍ରାୟ ୧୦ ଏକର ପୈତୃକ ଜମିରେ ମକା ଚାଷ କରିଛନ୍ତି। ଏଥିରେ ୮୦ କିଲୋଗ୍ରାମ ମକା ବିହନ ଲଗାଇବା ସହ ୫ ଜଣ ଶ୍ରମିକ ରକ୍ଷଣାବେକ୍ଷଣ କରୁଛନ୍ତି। ବିହନ ୧ ଲକ୍ଷ ୨୦ ହଜାର ଟଙ୍କା ଓ ଶ୍ରମିକ ବାବଦକୁ ୨ ଲକ୍ଷ ଏପରି ମୋଟ ୩ ଲକ୍ଷ ୨୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ପ୍ରାଥମିକ କୃଷି ସମବାୟ ସମିତି ଓ ଉତ୍କଳ ଗ୍ରାମିଣ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିଲି । ନିକଟରେ ଥିବା ବୁଢାରଜା ପାହାଡରୁ ବାର୍‌ହା ଆସି ମକା ଖାଇ ନଷ୍ଟ କରୁଥିବାରୁ କେମିତି ଋଣ ସୁଝିବି ବୋଲି ଚିନ୍ତାରେ ପଡିଛି। ଦିନରେ ଶ୍ରମିକମାନେ ବାର୍‌ହାକୁ ଘଉଡାଉଛନ୍ତି। ରାତ୍ରି ସମୟରେ ବାର୍‌ହା ପଲ ଆସି ଉପଦ୍ରବ କରୁଛନ୍ତି। ବନ ବିଭାଗ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି।

# କଳାହାଣ୍ଡିରେ ଆଜିଠୁ ଜିଲାସ୍ତରୀୟ ବିକାଶ ମେଳା

ଭବାନୀପାଟଣା,୧୯।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଶୁକ୍ରବାରଠାରୁ ଜିଲାସ୍ତରୀୟ ବିକାଶ ମେଳା ଅନୁଷ୍ଠିତ ହେବ। ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଏହି ମେଳା ୩ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଶିଳ୍ପ, ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ) ସଂପଦ ଚନ୍ଦ୍ର ସ୍ୱାଇଁ ଯୋଗଦେବେ। ସେହିପରି ଓର୍‌ମାସ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ପଲ୍ଲିଶ୍ରୀ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଗୁରୁବାର ଅପରାହ୍ନରେ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶ ଏକ ଖବରଦାତା ସମ୍ମିଳନୀ କରି ଉତ୍ସବକୁ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ସମୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

## ଶିଶୁ ଚାଲାଣ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ

ବେହେରା,୧୯।୯(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗୋରୁ ବଜାର ପରିସରରେ ଜିଲା ପ୍ରଶାସନ, ପୋଲିସ ଓ ଶ୍ରମ ବିଭାଗ ପକ୍ଷରୁ ନିରାପଦ ଶ୍ରମ ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଆଡ୍‌ଏଟ ଆକ୍ସନ ଓ ୟୁନିସେଫ ଓଡ଼ିଶା ସହାୟତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଅତିଥି ଭାବରେ ୟୁନିସେଫ ଓଡ଼ିଶାରୁ ନେହା ସିଂହ, ଆଡଏଟ ଆକ୍ସନର ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ, ଜ୍ୟୋତି ପ୍ରକାଶ ବ୍ରହ୍ମା, ଡିଏସ୍‌ପି ମୁକ୍ତି କୁମାର କୁଲୁ ଯୋଗଦେଇ ଦାଦନ ଚାଲାଣକୁ କିପରି ରୋକାଯାଇ ପାରିବ ସେ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ ସୁବାସ ମଣ୍ଡଳ, ଜିଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ମନୋଜ କୁମାର ବେହେରା, ଏସ୍‌ଆଇ ନୀଳାମ୍ବର ଯାନି, କୋକସରା ଏସ୍‌ଆଇ ହେମନ୍ତ କୁମାର ପାତ୍ର, ସିଡ଼ିପିଓ ସୁଚରିତା ମହାପାତ୍ର, ବେହେରା ସରପଞ୍ଚ କୁମୁଦିନୀ ଗଇନ୍ତା ପ୍ରମୁଖ ଅତିଥିଭାବେ ସାମିଲ ହୋଇଥିଲେ। ଡିଏସ୍‌ଡବ୍ଲ୍ୟୁ ଉପନିର୍ଦ୍ଦେଶକ ଦିବ୍ୟ ରଞ୍ଜନ ଯୋଶୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଧର୍ମଗଡ ବ୍ଲକର ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଗଣମାଧ୍ୟମ ପ୍ରତିନିଧି, ମିଶନ ଶକ୍ତିର ମା', ସ୍କୁଲ କଲେଜର ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଭୁଶୁଡ଼ିଲା କାନ୍ଥ, ବର୍ତ୍ତିଗଲେ ପରିବାର



ଭଙ୍ଗା ଘର ଆଗରେ ସମ୍ପତ୍ତି।

ରିଷିଡ଼ା,୧୯।୯ (ସୁଶାନ୍ତ ମଲ୍ଲିକ)

ପ୍ରବଳ ବର୍ଷା ଯୋଗୁ ମାଟିକାନ୍ଥ ଭୁଶୁଡିପଡ଼ିଲା। ଫଳରେ ପରିବାର ସଦସ୍ୟ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଏଭଳି ଘଟଣା ଘଟିଛି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ବୋରପଦର ପଞ୍ଚାୟତ ଖଳିଆପାଲି ଗ୍ରାମରେ। ଗ୍ରାମର ସମ୍ପତ୍ତି ସାହୁଙ୍କ ପରିବାର ଗରିବଶ୍ରେଣୀର ହୋଇଥିଲେ ମଧ୍ୟ ଆବାସ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ଫଳରେ ଏକ ଭଙ୍ଗାଦଦରା ମାଟିଘରେ ପରିବାରର ୫ ସଦସ୍ୟ ଜୀବନ ବିତାଉଛନ୍ତି। ଏପରିସ୍ଥଳେ ବୁଧବାର ରାତିରେ ପ୍ରବଳ ବର୍ଷା ହୋଇଥିଲା। ପରିବାର ଲୋକେ ଶୋଇଥିବା ସମୟରେ ହଠାତ୍ ମାଟି କାନ୍ଥ ଭୁଶୁଡ଼ିପଡ଼ିଥିଲା। ପରିବାର ଲୋକେ ବାହାରକୁ ଆସି କୌଣସିମତେ ଜୀବନ ବଞ୍ଚାଇଛନ୍ତି। ସମ୍ପତ୍ତିଙ୍କ କହିବା କଥା ଘର ଖଣ୍ଡିଏ ପାଇଁ ବିଡିଓ ଓ ସରପଞ୍ଚଙ୍କ ପାଖକୁ ଯାଇ ଗୁହାରି କରିଥିଲେ ମଧ୍ୟ କିଛି ସୁବିଧା ମିଳିନାହିଁ। ବ୍ଲକ୍ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ଆବାସ ଘର ଯୋଗାଇଦେବାକୁ ଦାବି ହେଉଛି।

# ନାବାଳିକା ପରିବାର ଥାନାର ଦ୍ୱାରସ୍ଥ

କୋକସରା,୧୯।୯ (ଦୁଷ୍ମନ୍ତ କୁମାର ପାଇଯୋଷୀ)

**ଅଭିଯୁକ୍ତଙ୍କୁ ଗିରଫ ଦାବି**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମର ବିବାହିତ ଯୁବକ ରାଜୀବ ନାଏକ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ପ୍ରଥମେ ନିଜ ପ୍ରେମ ଜାଲରେ ଫସାଇଥିଲେ। ପରେ ଜୁଲାଇ ୧୮ରେ ପରିବାର ଲୋକେ ଚାଷଜମିକୁ ଯାଇଥିବା ବେଳେ ରାଜୀବ ଘରେ ଏକୁଟିଆ ଥିବା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ କୋକସରା ଥାନାରେ ରାଜୀବ ଅପହରଣ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୧/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ରାଜୀବ ପ୍ରାୟ ଏକମାସ ଧରି ନାବାଳିକାଙ୍କୁ ନିଜର ସମ୍ପର୍କୀୟ ଲୋକଙ୍କ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିଥିଲେ। ନାବାଳିକାଙ୍କୁ ତାଙ୍କ ବାପା ଘରେ ଗ୍ରହଣ ନ କରିବାରୁ ଜିଲା ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ପୋକ୍‌ସୋ ଧାରାରେ ପୋଲିସ ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରିଥିଲେ ମଧ୍ୟ ତାଙ୍କ ଗୋଡ଼ ଭାଙ୍ଗିଥିବାରୁ ଏକ ଚୁକ୍ତିନାମା କରି ଛାଡି ଦେଇଥିବା ଜଣାପଡିଛି। ଏହି ଘଟଣାକୁ ନାବାଳିକା ପରିବାର ପ୍ରତିବାଦ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ଗୁରୁବାର ନାବାଳିକାଙ୍କ ବାପା, ମା', ପରିବାର ଓ ସମ୍ପର୍କୀୟ କୋକସରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ନେଇ କୋକସରା ଆଇଆଇସି ରୋନିତା ପ୍ରଧାନଙ୍କୁ ପଚାରିବାରୁ ଅଭିଯୁକ୍ତ ଅସୁସ୍ଥ ଥିବାରୁ ଚୁକ୍ତିନାମାରେ ଛଡାଯାଇଛି। ସୁସ୍ଥ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି କହିଛନ୍ତି।

## ବିଜେଡି ଛାଡିଲେ ଦେବେନ୍ଦ୍ର

ଭବାନୀପାଟଣା,୧୯।୯ (ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ବିଜୁ ଯୁବ ଜନତା ଦଳର ଜିଲା ଉପସଭାପତି ଦେବେନ୍ଦ୍ର ରାହାସ ପୋଢ ମିଶ୍ର ଗୁରୁବାର ବିଜେଡି ଛାଡ଼ିଛନ୍ତି। ଏ ନେଇ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଆ ଦ ତ ୟ ନନ୍ଦଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇଛନ୍ତି। ଗତ ୨୦୦୯ରୁ ଦେବେନ୍ଦ୍ର ବିଜୁ ଯୁବ ଜନତା ଦଳରେ ଜଣେ ସକ୍ରିୟ ସଙ୍ଗଠକ ଭାବେ ରହି ନିଜ ଦାୟିତ୍ୱ ତୁଲାଉଥିଲେ। ବିଶେଷ କରି ଜିଲାର ଏମ. ରାମପୁର, କର୍ଲାମୁଣ୍ଡା, ନର୍ଲା, କେସିଙ୍ଗା ବ୍ଲକର ଯୁବମାନଙ୍କୁ ନେଇ ଦଳକୁ ମଜବୁତ କରିଥିଲେ। ଗତ କିଛିବର୍ଷ ହେବ ଦଳ ତାଙ୍କୁ ଅଣଦେଖା କରୁଥିବାରୁ ସେ ବିଜେଡି ଛାଡ଼ିଥିବା ପ୍ରକାଶ କରିଛନ୍ତି।



# ବହୁଜନ ସମାଜ ପାର୍ଟିର କର୍ମୀ ସମ୍ମିଳନୀ

ଭବାନୀପାଟଣା,୧୯।୯ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ନକଟିଗୁଡାସ୍ଥିତ ଆମ୍ବେଡକର ଭବନଠାରେ ଗୁରୁବାର ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପାର୍ଟିର ଓଡ଼ିଶା ରାଜ୍ୟ ପ୍ରଭାରୀ ସରୋଜ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ପାର୍ଟିର କଳାହାଣ୍ଡି ଲୋକ ସଭା ପ୍ରଭାରୀ ଯୋଗେଶ୍ୱର ସାଗର, ବରିଷ୍ଠ ନେତା ଭକ୍ତରାମ ନାଏକ, ସୁଗ୍ରିବ ଦୀପ, ଦାମୋଦର ଛତ୍ରିଆ, ପୂର୍ବତନ ସାଂସଦ ପ୍ରାର୍ଥୀ ବିର ନାରାୟଣ ଦୁର୍ଗା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରେ ଜିଲା କମିଟିର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ଦଳର ନିର୍ଦ୍ଦେଶକ୍ରମେ କଳାହାଣ୍ଡି ଲୋକ ସଭା ପ୍ରଭାରି ଯୋଗେଶ୍ୱର ସାଗର ଚୟନ ପ୍ରକ୍ରିୟା ସମ୍ପାଦନ କରିଥିଲେ। ସର୍ବସମ୍ମତିକ୍ରମେ ଯୁବନେତା ଦେବେନ୍ଦ୍ର ନାଏକଙ୍କୁ ସଭାପତି ଭାବରେ ମନୋନୀତ କରାଯାଇଛି। ସେହିପରି ପ୍ରଭାକର ନାଗ, ଗଜେନ୍ଦ୍ର ନାଗ ପ୍ରଭାରୀ, ଦୁର୍ଯ୍ୟୋଧନ କୁମାର, ସତ୍ୟବାନ ନାଏକ ଓ ରାଜେଶ କଟା ଉପସଭାପତି, ପିନାକୀ ସାହୁ ସମ୍ପାଦକ, ପ୍ରଧାନୀ ବାଗ, ମୋହନ ସିଂ ମାଝି ନିର୍ବାଚନ ମଣ୍ଡଳୀ କ୍ଷେତ୍ରୀୟ ପ୍ରଭାରୀ, ଦିଶାନ୍ତ ବେଶ୍ରା, ସୁକାନ୍ତ ନାଏକଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବରେ ମନୋନୀତ କରାଯାଇଛି। ବରିଷ୍ଠ କର୍ମକର୍ତ୍ତା ସୋମନାଥ ନାଏକ, ଜୟରାମ ମହାନନ୍ଦ, ପୃଥୀରାଜ ଛତ୍ରିଆ ସମ୍ମିଳନୀ ପରିଚାଳନାରେ ସହଯୋଗ କରିଥିଲେ। ସୁକାନ୍ତ ନାଏକ ମଞ୍ଚରେ ଅତିଥିମାନଙ୍କୁ ସ୍ୱାଗତକରିବାସହଧନ୍ୟବାଦଦେଇଥିଲେ।

# କଳାହାଣ୍ଡିର ଯୁବ ଖେଳାଳି ଆକାଶ ମୁଣ୍ଡ ସାମିଲ

ଭବାନୀପାଟଣା, ୧୯।୯ (ଉତ୍ତମ କୁମାର ଦାଶ)

**ଅନ୍ତର୍ଜାତୀୟ ପୁରୁଷ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ଇଣ୍ଡୋନେସିଆରେ ଆୟୋଜିତ ଅନ୍ତର୍ଜାତୀୟ ପୁରୁଷ ପାରାବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ ପ୍ରତିଯୋଗିତାରେ କଳାହାଣ୍ଡିର ଯୁବ ଖେଳାଳି ଆକାଶ ମୁଣ୍ଡ ସାମିଲ ହୋଇଛନ୍ତି। ଚଳିତ ମାସ ୧୬ରୁ ୨୨ ଯାଏ ଇଣ୍ଡୋନେସିଆ, ସୁରକର୍ତ୍ତା ସହରର ମହମ୍ମଦିଆ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେଉଥିବା ପ୍ରତିଯୋଗିତାରେ ଓଡ଼ିଶାର ୬ଜଣ ଖେଳାଳିଙ୍କ ସମେତ ଭାରତରୁ ପ୍ରାୟ ୬୦ଜଣ ଖେଳାଳୀ ଭାଗ ନେଇଛନ୍ତି । ଏସ୍‌ଏଲ୍ ୩, ଗ୍ରୁପ ୨ ପ୍ରତିଯୋଗିତାରେ ଆକାଶ ଏକକ ଓ ଯୁଗଳ ବର୍ଗରେ ଖେଳିବେ। ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶର ବହୁ ନାମୀ ଖେଳାଳି ସାମିଲ ହୋଇଛନ୍ତି। ସେମାନଙ୍କ ନିକଟରୁ ଖେଳ ସମ୍ପର୍କରେ ଶିକ୍ଷା ଗ୍ରହଣ କରିହେବ ବୋଲି ଆକାଶ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଆକାଶ ପୂର୍ବରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଏକକ ବର୍ଗରେ ଚାମ୍ପିୟନ ଆଖ୍ୟା ପାଇବା ସହିତ ସ୍ୱର୍ଣ୍ଣପଦକ ପାଇଥିଲେ। ଜାମସେଦପୁରରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ କୃତିତ୍ୱ ହାସଲ ପରେ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଆକାଶ ଅନ୍ତର୍ଜାତୀୟ ଖେଳରେ ସାମିଲ ହେବା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।



ଯୁବ ଖେଳାଳି ଆକାଶ ମୁଣ୍ଡ।

# ଆଧାର ଅପ୍‌ଡେଟ୍ ପାଇଁ ଲୋକେ ହଇରାଣ

ନୂଆପଡା,୧୯।୯ (ମକାରୁ ବେମାଲ)

**ଦିନକରେ ୬୦ରୁ ଅଧିକ କରାଯାଉ**

ସରକାରଙ୍କ କୌଣସି ଯୋଜନାର ସୁଫଳ ପାଇବାକୁ ହେଲେ ଆଧାର କାର୍ଡ ଏକ ମୁଖ୍ୟ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଉଛି। ବର୍ତ୍ତମାନ ସୁଭଦ୍ରା ଯୋଜନାରେ ଆବେଦନ ପାଇଁ ଆଧାର ଅପ୍‌ଡେଟ୍ ଜରୁରୀ ହୋଇପଡିଛି। ଏଥିପାଇଁ ନୂଆପଡ଼ା ଜିଲାର ବିଭିନ୍ନ ଜନସେବା କେନ୍ଦ୍ରରେ ମହିଳାଙ୍କ ଲମ୍ବାଧାଡି ଲାଗୁଛି। ହେଲେ ସରକାରୀ ନିୟମ ଅନୁସାରେ ଗୋଟିଏ କେନ୍ଦ୍ରରେ ଦିନକୁ ୬୦ ଆଧାର କାର୍ଡ ଅପଡେଟ୍ ହୋଇପାରିବ। ହେଲେ ଏହା ପରେ ଅପେକ୍ଷା କରି ରହିଥିବା ଲୋକେ ଅପ୍‌ଡେଟ୍ କରି ନ ପାରି ହଇରାଣ ହେଉଛନ୍ତି। ସେମାନେ ୬୦ରୁ ଅଧିକ କାର୍ଡ ଅପ୍‌ଡେଟ୍ ପାଇଁ ଅନୁମତି ଦେବାକୁ ଦାବି କରିଛନ୍ତି।

ବର୍ତ୍ତମାନ ଦେଖାଯାଉଛି ଯେ, ଅଧିକାଂଶ ମହିଳାଙ୍କ ଆକାଉଣ୍ଟ ନମ୍ବରରେ ଆଧାର ଲିଙ୍କ୍ ନ ଥିବାରୁ ସୁଭଦ୍ରା ଯୋଜନା କରିପାରୁ ନାହାନ୍ତି । ଗ୍ରାମାଞ୍ଚଳରେ ଖୋଲିଥିବା ଜନସେବା କେନ୍ଦ୍ର ବା ଘରୋଇ ଭାବେ ଖୋଲିଥିବା କେନ୍ଦ୍ରରେ ଆଧାର ଅପ୍‌ଡେଟ୍ କଲେ ସେମାନେ ଅଧିକ ଅର୍ଥ ଦାବି କରୁଛନ୍ତି। ଏପରି କି ଜଣପିଛା ୨ରୁ ୩ଶହ ଟଙ୍କା ନେଉଥିବା କେତେଜଣ ମହିଳା ଅଭିଯୋଗ କରିଛନ୍ତି। ତେଣୁ ସେମାନେ ଜିଲା କିମ୍ବା ବ୍ଲକ ମୁଖ୍ୟାଳୟକୁ ଆସୁଛନ୍ତି। ହେଲେ ଦିନକରେ ୬୦ରୁ ଅଧିକ କାର୍ଡ ଅପ୍‌ଡେଟ୍ କରାଯାଉ ନ ଥିବାରୁ ସେମାନେ ରାତ୍ର ରହଣି ପାଇଁ ଖର୍ଚ୍ଚାନ୍ତ ହେବା ସହ ହଇରାଣ ହେଉଛନ୍ତି। ସେହିପରି ରାଶନ କାର୍ଡ ପାଇଁ ପରିବାରର ସମସ୍ତ ସଦସ୍ୟଙ୍କ ଆଧାର ଅପ୍‌ଡେଟ୍ ଜରୁରୀ ହୋଇପଡିଛି। ୧୫ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଫିଙ୍ଗର ପ୍ରିଣ୍ଟ ଆସୁ ନ ଥିବାରୁ ରାଶନ କାର୍ଡରେ ଆଧାର ଅପ୍‌ଡେଟ୍ ହୋଇପାରୁ ନାହିଁ। ଜିଲା ବା ବ୍ଲକରେ ଥିବା ଆଧାର କେନ୍ଦ୍ର ସକାଳ ୯ଟାରେ ଖୋଲି ସନ୍ଧ୍ୟା ୬ଟାରେ ବନ୍ଦ ହୋଇଯାଉଛି। ପୁଣି ଦିନକୁ ୬୦ ଜଣଙ୍କ ଆଧାର ଅପ୍‌ଡେଟ୍ ହେଉଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ହଇରାଣ ହେଉଛନ୍ତି। ଅଧିକ ଟଙ୍କା ନେଉଥିବା କେନ୍ଦ୍ର ଉପରେ ପଦକ୍ଷେପ ନେବା ସହ ୬୦ ଜଣ ପରିବର୍ତ୍ତେ ଅଧିକ ଲୋକଙ୍କ ଅପ୍‌ଡେଟ୍ ପାଇଁ ଅନୁମତି ପ୍ରଦାନ କରିବାକୁ ହିତାଧିକାରୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କୁ ପଚାରିବାରୁ ସମସ୍ତ ଅଧିକାରୀଙ୍କ ସହ ଆଲୋଚନା କରି ଏ ଦିଗରେ ବିଚାର କରାଯିବ ବୋଲି କହିଛନ୍ତି ।

# ଜିଲାସ୍ତରୀୟ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ

ଖଡ଼ିଆଳ,୧୯।୯(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଏକାଦଶତମ ଜିଲାସ୍ତରୀୟ ଖୋ ଖୋ, ଭଲିବଲ, କବାଡି ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ ଅଧକ୍ଷତା କରିଥିଲେ। ଖଡ଼ିଆଳ ପଞ୍ଚାୟତ ସମିତି ଅଧକ୍ଷ ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟ ଅତିଥି ଓ ଶାରୀରିକ ଶିକ୍ଷା ନିରୀକ୍ଷକ ମହେଶ କୁମାର ଦଣ୍ଡସେନା, କାର୍ଯ୍ୟକ୍ରମର ସାଙ୍ଗଠନିକ ସମ୍ପାଦକ ତଥା ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ରତନ ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ନବୀନ କିଶୋର ପାଢୀ ଯୋଗଦେଇ ପ୍ରଥମ ଦିବସରେ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଶିକ୍ଷକ ମହତାବ ଆଡ଼ଜୁଏଡ଼, ମୋହନ କୁମାର ମହନ୍ତ, ପରେଶ ପାଣିଗ୍ରାହୀ, ଗଙ୍ଗାରାମ ମେହେର, ନିରୁପମା ପାଣିଗ୍ରାହୀ, ଦମୟନ୍ତୀ ପଟେଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ବିରମାଲ ସ୍କୁଲରେ ହିନ୍ଦୀ ଦିବସ

ବରଗଡ଼,୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବିରମାଲ ହାଇସ୍କୁଲରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ସୂର୍ଯ୍ୟକୁମାର ପଣ୍ଡା ସଭାପତିତ୍ୱ କରିଥିଲେ। ହିନ୍ଦୀ ଶିକ୍ଷକ ଜଗନ୍ନାଥ ପ୍ରଧାନ ସଭା ସଂଯୋଜନା କରିଥିଲେ। ମୁନସୀ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୀ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ନିବନ୍ଧ ଲିଖନ ପ୍ରତିଯୋଗିତା ହୋଇଥିଲା ଏବଂ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବିରମାଲ ହାଇସ୍କୁଲରେ ହିନ୍ଦୀ ଦିବସ ପାଳନ କରାଯାଉଛି।

# ବାଲି ଉଠାଣରୁ ଉତ୍ତେଜନା, ରାସ୍ତାରୋକୋ

ବରଗଡ଼,୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାର ବିଭିନ୍ନ ନଦୀନାଳରୁ ବାଲି ଉଠାଇ ଚାଲାଣ କରାଯିବା ନିତିଦିନିଆଁ ଘଟଣାରେ ପରିଣତ ହୋଇଛି। ତେବେ ଗୁରୁବାର ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ସୟାଁ ବାଲିଘାଟରୁ ବାଲି ଉଠାଣକୁ କେନ୍ଦ୍ର କରି ଉତ୍ତେଜନା ଦେଖାଯାଇଥିଲା। ବାଲିଘାଟ ରାସ୍ତା ଉପରେ ଜଣେ ଜେସିବି ମେଶିନ ରଖି ଦେଇଥିବା ଯୋଗୁ ଟ୍ରାକ୍ଟର ଚାଳକମାନେ ବାଲିଘାଟକୁ ଯାଇପାରି ନ ଥିଲେ। ଫଳରେ ସେମାନେ ଟ୍ରାକ୍ଟର ଧରି ନିକଟସ୍ଥ ୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ପୋଲିସ ଏବଂ ପ୍ରଶାସନିକ ପଦାଧିକାରୀମାନେ ଘଟଣାସ୍ଥଳକୁ ପହଞ୍ଚି ଆଲୋଚନା କରିଥିଲେ। ଏହାପରେ ରାସ୍ତା ଅବରୋଧ ହଟିଥିଲା ଏବଂ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଲୋକମାନେ ଜିରା ନଦୀର ସୟାଁ ବାଲିଘାଟରୁ ବାଲି ଉଠାଣ କରି ନେଇଥାନ୍ତି। ତେବେ ଜନୈକ ବ୍ୟକ୍ତି ସେହି ବାଲିଘାଟରୁ ଜେସିବି ମେଶିନ ଦ୍ୱାରା ବାଲି ଉଠାଇ ନେଉଥିବାବେଳେ ସ୍ଥାନୀୟ ଲୋକେ ବାଲି ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସମ୍ପୃକ୍ତ ବ୍ୟକ୍ତି ରାତାରାତି ବାଲି ଉଠାଣ କରି ବାଲିଘାଟକୁ ଯିବା ରାସ୍ତାରେ ଜେସିବି ମେଶିନ ରଖିଥିଲେ। ଫଳରେ ଗୁରୁବାର ସକାଳୁ ଟ୍ରାକ୍ଟର ଚାଳକମାନେ ବାଲିଘାଟକୁ ବାଲି ଆଣିବା ପାଇଁ ଯାଉଥିବାବେଳେ ସେଠାକୁ ପହଞ୍ଚି ପାରି ନ ଥିଲେ। ଏହାକୁ ନେଇ ଟ୍ରାକ୍ଟର ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ସମସ୍ତ ଚାଳକ ଟ୍ରାକ୍ଟର ଧରି ସୟାଁଛକରେ ପହଞ୍ଚି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ରାଜପଥରେ ଗାଡ଼ି ଚଳାଚଳ ଠପ୍ ପଡ଼ି ଯାଇଥିଲା। ରାଜପଥର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ, ଟାଉନ ଥାନାଧିକାରୀ ସତ୍ୟଜିତ କଣ୍ଡାନକେଲ, ସଦର ଥାନାଧିକାରୀ ପ୍ରଣୟ ମୁର୍ମୁ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ରାସ୍ତାରୋକୋ କରିଥିବା ଟ୍ରାକ୍ଟର ଚାଳକଙ୍କ ସହିତ ସେମାନେ ଆଲୋଚନା କରିଥିଲେ। ଏହାପରେ ରାଜପଥ ଅବରୋଧରୁ ସେମାନେ ଉଠିଥିଲେ।



ସୟାଁଛକରେ ଟ୍ରାକ୍ଟର ରଖି ରାଜପଥ ଅବରୋଧ କରାଯାଇଛି।

## ନାବାଳିକା ପରିବାର ଥାନାର ଦ୍ୱାରସ୍ଥ

### ଅଭିଯୁକ୍ତଙ୍କୁ ଗିରଫ ଦାବି

କୋକସରା,୧୯।୯ (ଦୁଷ୍ମନ୍ତ କୁମାର ପାଟଯୋଷୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମର ବିବାହିତ ଯୁବକ ରାଜୀବ ନାଏକ ନବମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ପ୍ରଥମେ ନିଜ ପ୍ରେମ ଜାଲରେ ଫସାଇଥିଲେ। ପରେ ଜୁଲାଇ ୧୮ରେ ପରିବାର ଲୋକେ ଚାଷଜମିକୁ ଯାଇଥିବା ବେଳେ ରାଜୀବ ଘରେ ଏକୁଟିଆ ଥିବା ନାବାଳିକାଙ୍କୁ ଅପହରଣ କରି ନେଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ କୋକସରା ଥାନାରେ ରାଜୀବ ଅପହରଣ କରି ନେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୧/୨୪) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ରାଜୀବ ପ୍ରାୟ ଏକମାସ ଧରି ନାବାଳିକାଙ୍କୁ ନିଜର ସମ୍ପର୍କୀୟ ଲୋକଙ୍କ ଘରେ ରଖି ଶାରୀରିକ ସମ୍ପର୍କ ରଖିଥିଲେ। ପରେ କୌଣସି ସୂତ୍ରରୁ ଖବର ପାଇ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିଥିଲେ। ନାବାଳିକାଙ୍କୁ ତାଙ୍କ ବାପା ଘରେ ଗ୍ରହଣ ନ କରିବାରୁ ଜିଲା ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ପୋକ୍‌ସୋ ଧାରାରେ ପୋଲିସ ଅଭିଯୁକ୍ତ ରାଜୀବଙ୍କୁ ଗିରଫ କରିଥିଲେ ମଧ ତାଙ୍କ ଗୋଡ଼ ଭାଙ୍ଗିଥିବାରୁ ଏକ ଚୁକ୍ତିନାମା କରି ଛାଡି ଦେଇଥିବା ଜଣାପଡିଛି। ଏହି ଘଟଣାକୁ ନାବାଳିକା ପରିବାର ପ୍ରତିବାଦ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ କରି ଗୁରୁବାର ନାବାଳିକାଙ୍କ ବାପା, ମା', ପରିବାର ଓ ସମ୍ପର୍କୀୟ କୋକସରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହାସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏ ନେଇ କୋକସରା ଆଇଆଇସି ରୋନିତା ପ୍ରଧାନଙ୍କୁ ପଚାରିବାରୁ ଅଭିଯୁକ୍ତ ଅସୁସ୍ଥ ଥିବାରୁ ଚୁକ୍ତିନାମାରେ ଛଡାଯାଇଛି। ସୁସ୍ଥ ହେବା ପରେ ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି କହିଛନ୍ତି।

## ଗାଇସିଲେଟରେ ନୂଆଁଖାଇ ଭେଟଘାଟ

ଗାଇସିଲେଟ,୧୯।୯( ଦୁର୍ଗା ପ୍ରସାଦ ତ୍ରିବେଦୀ)

ଗାଇସିଲେଟ ବ୍ଲକ ଗୌରେନମୁଣ୍ଡା ରାମମନ୍ଦିର ପରିସରରେ ନିଅଁଳିମଳି ନାଟ୍ୟ କଳା ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇନ୍ଦ୍ରମଣି ବାରିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ଗାଇସିଲେଟ ବିଡିଓ ଲକ୍ଷ୍ମଣ ମାଝୀ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ତଥା ସାହିତ୍ୟିକ ମୁରଲିଧର ନାୟକ, ସମିତି ସଭ୍ୟ ଯାଗେଶ୍ୱର ନନ୍ଦ, ଉପସଭାପତି କବି ସୁଦର୍ଶନ ବରିହା, ସାଂସଦ ସମ୍ପାଦକ ରାଧେଶ୍ୟାମ ତ୍ରିପାଠୀ, କୋଷାଧ୍ୟକ୍ଷ ରାଜକିଶୋର ସାହୁ ଉପସ୍ଥିତ ଥିଲେ। ବଲାଙ୍ଗୀରର ଲଳିତ କୁମାର ପୂଝାରୀ, ଅଏଲାଭଟାର ରାଜକିଶୋର ସାହୁ, ସରଗାଡର କିଶୋର ପଟେଲ, ସାହାଜବାହାଲ ଦିଲୀପ ପାଣ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭିନେତ୍ରୀ ବିଦ୍ୟୁଲତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ପଥପ୍ରାନ୍ତ ସଭା କରାଯାଉଛି।

## କୋଶଳି ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବିରେ ପଥପ୍ରାନ୍ତ ସଭା

ସୋହେଲା,୧୯।୯(ଅଶ୍ୱିନୀ କୁମାର ପାତ୍ର)

ବରଗଡ଼ ଜିଲା ସୋହେଲାରେ କୋଶଳ ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ କୋଶଳ ଅସ୍ମିତା ରଥ ପହଞ୍ଚିଥିଲା। ଏହି ଅବସରରେ ସୋହେଲା ମୁଖ୍ୟ ଛକଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଲେଖକ ଗାରେଖ ନାଥ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଅଗସ୍ତି ଭୋଇ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସରୋଜ କୁମାର ଭୂୟାଁ , ଭାଷାକର୍ମୀ ସାକେତ ଶ୍ରୀଭୂଷଣ ସାହୁ, ଖବରଦାତା ଅଶ୍ୱିନୀ କୁମାର ପାତ୍ର ପ୍ରମୁଖ ନିଜର ମତ ପୋଷଣ କରିଥିଲେ। କୋଶଳି ଭାଷାକୁ ସାମ୍ବିଧାନିକ ମାନ୍ୟତା ପାଇଁ ସବୁ ବକ୍ତା ଦାବି ଜଣାଇଥିଲେ। କୋଶଳି ଭାଷାକୁ ଓଡ଼ିଶାର ଦ୍ୱିତୀୟ ସରକାରୀ ଭାଷା ଭାବେ ଗ୍ରହଣ କରିବାକୁ ତଥା କୋଶଳି ଭାଷାରେ ନୂତନ ଶିକ୍ଷାନୀତି ଅନୁସାରେ ପ୍ରାଥମିକ ଶିକ୍ଷା ଦେବାକୁ ଦାବି ପ୍ରକାଶ ପାଇଥିଲା। ଆଗାମୀ ଜନଗଣନା ସମୟରେ ନିଜ ମାତୃଭାଷା କୋଶଳି ବୋଲି କହିବାକୁ ବକ୍ତାମାନେ ଆହ୍ୱାନ କରିଥିଲେ। ଏହି ରଥ ପଶ୍ଚିମ ଓଡ଼ିଶାର ୧୦ଟି ଜିଲା ପରିକ୍ରମା କରି ସୁବର୍ଣ୍ଣପୁରରେ ସମାପ୍ତ ହେବାର କାର୍ଯ୍ୟକ୍ରମ ରହିଛି।

## ସୁଭଦ୍ରା ଯୋଜନାକୁ ସଫଳ କରିବା ଉଦ୍ଦେଶ୍ୟରେ ଚିତ୍ରକଳା ପ୍ରତିଯୋଗିତା

ପାଇକମାଲ,୧୯।୯(ବଡ ଶତପଥୀ)

ପାଇକମାଲ ଯମୁନା କନ୍ଧୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଙ୍କ ମଧ୍ୟରେ ସୁଭଦ୍ରା ଯୋଜନାକୁ ସଫଳ କରିବା ଉଦ୍ଦେଶ୍ୟରେ ଚିତ୍ରକଳା ପ୍ରତିଯୋଗିତା ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୪ ଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସମସ୍ତ ଛାତ୍ରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଭଲ ପ୍ରଦର୍ଶନ କରିଥିବା ୫ ଜଣ ଛାତ୍ରୀଙ୍କୁ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ କରାଯାଇଛି। ଶେଷରେ ଉଦ୍‌ଯାପନୀ ସଭା ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୂଡାମଣି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ପାଇକମାଲ ସରପଞ୍ଚ ତୁଳାବତୀ ତାଣ୍ଡି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଢଳେନ୍ଦ୍ର ବାରିକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ପଣ୍ଡା ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଅନିମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ କୃତୀ ପ୍ରତିଯୋଗୀ।

## ପଦ୍ମପୁର ଏନ୍‌ଏସି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ

ପଦ୍ମପୁର,୧୯।୯(ପ୍ରଦୀପ୍ତ ଦାଶ)

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପଦ୍ମପୁର ତରଫରୁ ସମସ୍ତ ୱାର୍ଡରେ କାଉନସିଲରଙ୍କ ଅଧ୍ୟକ୍ଷତାରେ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୱାର୍ଡ ଅଫିସର, ସ୍ୱଚ୍ଛ ସାଥୀ ଓ ସ୍ୱଚ୍ଛ ସୁପରଭାଇଜର ମାନେ ସାଧାରଣ ଜନତାଙ୍କୁ ଓଦା ବର୍ଜ୍ୟ ବସ୍ତୁ ଓ ଶୁଖିଲା ବର୍ଜ୍ୟ ବସ୍ତୁର ପୃଥକୀକରଣ ବିଷୟରେ ଅବଗତ କରିଥିଲେ। ପୃଥକ ଡଷ୍ଟ ବିନ ବ୍ୟବହାର ପାଇଁ ଲୋକଙ୍କୁ ନିବେଦନ କରିଥିଲେ।



ସ୍ୱଚ୍ଛତା ନେଇ ଶପଥ ପାଠ କରାଯାଉଛି।

## ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ସଭା



ସଭାରେ ଉପସ୍ଥିତ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର କର୍ମକର୍ତ୍ତା।

ବରଗଡ଼,୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି କିଶୋର ଚନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। ସମ୍ପାଦକ ଦିଲୀପ କୁମାର ଦେବତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ ସଭାରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି, ଜିଲା ମୁଖ୍ୟା ପ୍ରାଣୀ ଚିକିତ୍ସାଧିକାରୀ ଡା. ନୀଳମଣି ଦୀପ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ସଂଘର ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଦୀପ କୁମାର ମିଶ୍ର ମୁଖ୍ୟ ବକ୍ତା, ଝାରସୁଗୁଡ଼ା ଜିଲା ସଭାପତି ଚକ୍ରଧର ବୈରା, ସମ୍ପାଦକ ସୁରସେନ ଭୋଇ, ସମ୍ବଲପୁର ଜିଲା ସଭାପତି ଅରବିନ୍ଦ ତ୍ରିପାଠୀ, ସମ୍ପାଦକ ସମୀର ଗୁପ୍ତା, କିଶୋର କୁମାର ବାଗ, ବଲାଙ୍ଗୀର ଜିଲା କାର୍ଯ୍ୟକାରୀ ସଭାପତି କୁଣ୍ଡୁ ଛତ୍ରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଙ୍ଗଠନିକ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆଗାମୀ ୪ବର୍ଷ ପାଇଁ ବରଗଡ଼ ଜିଲାର କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ଦିଲୀପ କୁମାର ଦେବତା ସଭାପତି, ଯଶୋବନ୍ତ ସାହୁ ଓ ଅହଲ୍ୟା ପ୍ରଧାନ ଉପସଭାପତି, ନାରାୟଣ ପ୍ରଧାନ ସାଧାରଣ ସମ୍ପାଦକ, ସୁଶାନ୍ତ ମେହେର ସଙ୍ଗଠନ ସମ୍ପାଦକ, କାର୍ତ୍ତିକ ସାହୁ କୋଷାଧ୍ୟକ୍ଷ, ପ୍ରଦୀପ ସାହୁ, ରୋହିତ ସାହୁ, ବିରେନ୍ଦ୍ର ଅଦାବର, ଆଲୋକ ନାରଙ୍ଗ କାର୍ଯ୍ୟକାରୀ କମିଟି ସଭ୍ୟ ଏବଂ କିଶୋର ଚନ୍ଦ୍ର ପାଢ଼ୀ, ଗୋପାଳ ମେହେର, ସାଗର ଚୌହାନ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ମନୋନୀତ ହୋଇଥିଲେ।

## ଅତାବିରାରେ ବିଶ୍ୱକର୍ମା ପୂଜା ମହୋତ୍ସବ ଉଦ୍‌ଯାପିତ

ସରଣ୍ଡା,୧୯।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବିଦ୍ୟୁତ ସେକ୍ସନ ଅଫିସରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରଗଡ଼ ବିଦ୍ୟୁତ ବିଭାଗ ଯନ୍ତ୍ରୀ ବିଭୂତି ଭୂଷଣ ଶତପଥୀ ଅତିଥିଭାବେ ଯୋଗଦେଇଥିବା ବେଳେ ଅତାବିରା ଏସ୍‌ଡିଓ ସତ୍ୟ ନାରାୟଣ ମହାନ୍ତି, ସେକ୍ସସେନାଲ ଅଫିସର ଶ୍ରଦ୍ଧାନନ୍ଦ ନାୟକଙ୍କ ସମେତ ଶଶାଙ୍କ ଶେଖର ନାୟକ, ବିଶ୍ୱନାଥ ସାହୁ, ଆଲୋକ ପଧାନ, ମାନସ ଦେବତା, ଜି.ରାମବାବୁ, ସରୋଜ ବେହେରା, ଅରୁଣ ମେହେର, ସୁରଥୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଣ୍ଡିତ ସଞ୍ଜୟ ଦାସ ପୌରୋହିତ୍ୟ ଦାୟିତ୍ୱ ବହନ କରିଥିବା ବେଳେ ଜି.ଦେବଦାସ ଓ ତାଙ୍କ ସ୍ତ୍ରୀ ଜି. କଣ୍ଟାମା କର୍ତ୍ତାକର୍ତ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।



ମହୋତ୍ସବ ଅବସରରେ ଉପସ୍ଥିତ ବିଦ୍ୟୁତ କର୍ମକର୍ତ୍ତା।

## ଶିକ୍ଷକ, ଅଭିଭାବକ ବୈଠକ

ବରଗଡ଼,୧୯।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗରେ ଗୁରୁବାର ଶିକ୍ଷକ, ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡଃ ସିପୁନ ସେଠୀ ସଭାପତିତ୍ୱ କରିଥିଲେ। କଲେଜ ଅଧ୍ୟକ୍ଷ ଡଃ ନକୁଳ ସେଠ କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମ୍ପର୍କ ଓ ସମସ୍ତଙ୍କ ଦାୟିତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ବୈଠକରେ ଉପସ୍ଥିତ ଅଭିଭାବକଙ୍କ ସମେତ ଅଧ୍ୟାପକ ଡଃ ସୁଶାନ୍ତ କୁମାର ପ୍ରଧାନ, ମାନସ ରଞ୍ଜନ ଭୋଇ, ଶଶିଭୂଷଣ ସେଠ, ସମୀର ସେଠ, ଲଳିତା ଧରୁଆ, ଆକାଶ ଭୋଇ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ଚନ୍ଦ୍ରଭାନୁ ସାହୁ ପ୍ରମୁଖ ନିଜ ମତ ଉପସ୍ଥାପନ କରିଥିଲେ। ମାନସ ରଞ୍ଜନ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଜ୍ଞାନ ବିଭାଗରେ ଶିକ୍ଷକ, ଅଭିଭାବକ ବୈଠକ।

## ଡିହାର ଲୋକ ମହୋତ୍ସବରେ ସାମିଲ ହେବେ ୧୨ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ

### ସମ୍ବର୍ଦ୍ଧିତ ହେବେ ବହୁ ପ୍ରତିଭା

ସରଣ୍ଡା,୧୯।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ଡିହାର ଲୋକ ମହୋତ୍ସବ ଚଳିତବର୍ଷ ୧୩ତମ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଏକ ବୈଠକ ସୋମବାର ଅଗ୍ରସେନ ଭବନରେ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ତଥା ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଥିଲା। ନିଜ ଅଞ୍ଚଳର ସାଂସ୍କୃତିକ ଦଳଗୁଡ଼ିକୁ ନେଇ ମହୋତ୍ସବ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅକ୍ଟୋବର ୧୦,୧୧ ଓ ୧୨ରେ ମହୋତ୍ସବ ଅନୁଷ୍ଠିତ ହେବ। ଡିହାର କଳା ପରିଷଦର କଳାକାରମାନେ ପ୍ରତ୍ୟେକ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ସ୍ୱରୂପ ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ସଙ୍ଗୀତ ପରିବେଷଣ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ନାରାୟଣ ପୃଷେଠ ସ୍ମୃତି ସମ୍ମାନ, ଅଭିନୟ କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ସାହୁ ସ୍ମୃତି ସମ୍ମାନ, ସମ୍ବଲପୁରୀ ସଙ୍ଗୀତ କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ମିତ୍ରଭାନୁ ବିଶ୍ୱାଳ ସ୍ମୃତି ସମ୍ମାନ, ସମାଜସେବା କ୍ଷେତ୍ରରେ ଯୋଗଦାନ ପାଇଁ ସ୍ୱର୍ଗତ ବସନ୍ତ କୁମାରୀ ପଣ୍ଡା ସ୍ମୃତି ସମ୍ମାନ, ସାମ୍ବାଦିକତା କ୍ଷେତ୍ରରେ ଅବଦାନ ପାଇଁ ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳ ସ୍ମୃତି ସମ୍ମାନ ଏବଂ ଓଡ଼ିଆ ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଅତାବିରା ବ୍ଲକରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱର୍ଗତ ରାମ ଲକ୍ଷ୍ମଣ ଦାଶ ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମହୋତ୍ସବ ପରିଚାଳନା ପାଇଁ ସବ୍‌କମିଟି ଗଠନ କରାଯାଇଥିଲା। ସଭାପତି ତଥା ବିଧାୟକ ମହାନନ୍ଦ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ନିଜ ନିଜ କମିଟିର କାର୍ଯ୍ୟ ସୁଚାରୁ ରୂପେ ପ୍ରତିପାଦନ କରିବାକୁ ଅନୁରୋଧ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଅରବିନ୍ଦ ପାତ୍ର, ଯୁଗ୍ମ ସମ୍ପାଦକ ନରେନ୍ଦ୍ର ଦାଶ, କୋଷାଧକ୍ଷ ନିର୍ମଳ ପ୍ରଧାନ, ବରିଷ୍ଠ ସଦସ୍ୟ ରାଜେଶ ଅଗ୍ରୱାଲ, ବୀରେନ୍ଦ୍ର କର, ଅଶୋକ ପ୍ରଧାନ, ମନୋଜ ସତପଥୀ, ଶଙ୍କର ବାରିକ, ସୁରେନ୍ଦ୍ର ସ୍ୱାଇଁ, ମନୋଜ ଅଗ୍ରୱାଲ, ବଳରାମ ସାହୁ, ଦୀପକ ରାଏ, ଜିତୁ ଭୋଇ, ଚନ୍ଦନ ରାଏ, ପରମେଶ୍ୱର ପଟେଲ , ଅଭିଷେକ ସାହୁ, ସିତେଶ ଅଗ୍ରୱାଲ, ପ୍ରେମଜିତ ପ୍ରଧାନ, ତପନ ବାଗ, ଉଦେଶ ପ୍ରଧାନ, କାର୍ତ୍ତିକ ମହାରଣା, ପ୍ରତୀକ ସ୍ୱାଇଁ , ନିକୁ ବାବୁ , ମନୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଆଁରେ ପୋଡ଼ି ଚିକିତ୍ସାଧୀନ ମହିଳା ମୃତ

ରାଉରକେଲା,୧୯।୯(ଦିନେଶ ମିଶ୍ର)

ନିଆଁରେ ପୋଡ଼ିହୋଇ ଚିକିତ୍ସାଧୀନ ଅବସ୍ଥାରେ ଜଣେ ମହିଳାଙ୍କ ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ମୃତ ମହିଳା ଜଣଙ୍କ ହେଲେ ସୌଦାମିନି ମାରାଣ୍ଡି(୩୫)। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଭାଲୁଲତା ଗ୍ରାମର ସୌଦାମିନୀ ଗତ ସୋମବାର ଗ୍ୟାସରେ ରୋଷେଇ କରୁଥିବାବେଳେ ଅସାବଧାନତା ଯୋଗୁ ଶାଢି କାନିରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଦେହ ସାରା ଖେଳାଇ ହୋଇଯାଇଥିବାରୁ ସେ ଚିତ୍କାର କରିଥିଲେ। ପରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଭାଲୁଲତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ବିଳମ୍ବିତ ରାତିରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଏଡିଏମ୍‌ଙ୍କୁ ଭେଟିଲେ ସିଏସ୍‌ସି କର୍ମୀ

### ସୁଭଦ୍ରା ଫର୍ମ ଅପ୍‌ଲୋଡ୍ ପାଇଁ ଦରକାର ଅଧିକ ପ୍ରାପ୍ୟ

ରାଉରକେଲା, ୧୯।୯( ସଙ୍ଗୀତା ଜେନା)

ରାଜ୍ୟରେ ଭାଜପା ସରକାର ଆସିବା ପରେ ମହିଳାମାନଙ୍କ ପାଇଁ ଗତ ୪ ତାରିଖରେ ସୁଭଦ୍ରା ଯୋଜନାର ବିଧିବଦ୍ଧ ଘୋଷଣା କରାଯାଇଥିଲା। ହେଲେ ସର୍ଭର ଡାଉନ ଓ ଅନ୍ୟ ବୈଷୟିକ ତ୍ରୁଟି ଯୋଗୁ ଫର୍ମ ଅପ୍‌ଲୋଡ୍ କରିବା ପାଇଁ ଅଧିକ ସମୟ ଲାଗୁଛି। ରାଜ୍ୟ ସରକାର ଫର୍ମ ପିଛା୧୫ଟଙ୍କା ଲେଖାଏଁ ରଖିଛନ୍ତି, ଯାହାକି ପର୍ଯ୍ୟାପ୍ତ ନୁହେଁ। ଏହାକୁ ଅନ୍ତତଃପକ୍ଷେ ଶହେ ଟଙ୍କା କରାଯାଉ ବୋଲି ଦାବି ହୋଇଛି। କାରଣ କେବଳ ସୁଭଦ୍ରା ଯୋଜନା ଫର୍ମପୂରଣ ଓ ଅପ୍‌ଲୋଡ୍‌ରେ ଅଧିକ ସମୟ ଯାଉଛି। ଅନ୍ୟ କୌଣସି କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଆର୍ଥିକ କ୍ଷତି ହେଉଛି ବୋଲି କମନ୍ ସର୍ଭିସ ସେଣ୍ଟର କର୍ମୀମାନେ



ଆର୍‌ଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କର୍ମୀମାନେ ଏକଜୁଟ୍ ହୋଇଛନ୍ତି।

ଅଭିଯୋଗ କରିଛନ୍ତି। ଏ ନେଇ ବୁଧବାର ଅପରାହ୍ନରେ ରାଉରକେଲା ସହରରେ ଥିବା କମନ୍ ସର୍ଭିସ ସେଣ୍ଟର (ସିଏସ୍‌ସି) ଓ ମୋ ସେବାକେନ୍ଦ୍ରର କର୍ମୀମାନେ ଏଡିଏମ୍ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଭେଟିଥିଲେ। ଏଡ଼ିଏମ୍ କୁଲକର୍ଣ୍ଣୀ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ଜଣେ ସିଏସ୍‌ସି ଭିଏଲ୍‌ଇ ରଶ୍ମୀରଞ୍ଜନ ସୂତାର କହିଛନ୍ତି, ଗତ ୪ ତାରିଖରେ ଯୋଜନା ଲଞ୍ଚ କରାଗଲା। ମହିଳା ହିତାଧିକାରୀମାନଙ୍କୁ ସୁଭଦ୍ରା ଫର୍ମ ସଂଗ୍ରହ କରି ସିଏସ୍‌ସି ଓ ମୋ ସେବାକେନ୍ଦ୍ରରେ ଜମା କରିବାକୁ ଘୋଷଣା କରାଗଲା। ହେଲେ ୪ରୁ ୯ ତାରିଖ ପର୍ଯ୍ୟନ୍ତ ଫର୍ମ ଅପ୍‌ଲୋଡ୍ ପାଇଁ ସର୍ଭର ଡାଉନ୍ ରହିଲା। ଫଳରେ ଡାଉନଲୋଡ୍ ଏବଂ ଅପ୍‌ଲୋଡ ପାଇଁ ଅଧିକ ସମୟ ଲାଗିଲା। ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଗଲା। ହେଲେ ଏଥିରେ ପ୍ରତ୍ୟକ୍ଷ ଭାବେ ସେମାନେ କିଛି କରିପାରିବେ ନାହିଁ ବୋଲି କହିଥିଲେ। ସେହିପରି ୧୪ ତାରିଖ ସକାଳ ପର୍ଯ୍ୟନ୍ତ ସର୍ଭର ବନ୍ଦ କରିଦିଆଗଲା। ୱେବସାଇଟ୍‌ରେ ବାୟୋମେଟ୍ରିକ୍ ସିଷ୍ଟମ ପରେ ଫର୍ମ ଅପଲୋଡ୍ କରିବାକୁ ନିର୍ଦ୍ଦେଶ ଜାରି କରାଗଲା। ଏଥିରେ ତ୍ରୁଟି ହେବାରୁ ସିଏସ୍‌ସି କେନ୍ଦ୍ର ପିଛା ହିତାଧିକାରୀଙ୍କ ଫର୍ମଗୁଡ଼ିକ ସଂଗ୍ରହ କରିବାକୁ କୁହାଯାଇଥିଲା। ଫର୍ମ ପିଛା ରାଜ୍ୟ ସରକାର ୧୫ ଟଙ୍କା ଲେଖାଏଁ ଧାର୍ଯ୍ୟ କଲେ। ତେବେ ଫର୍ମରେ ପ୍ରିଣ୍ଟର, ଅପ୍‌ଲୋଡ୍, ଫର୍ମ ପୂରଣ କରିବା ପ୍ରକ୍ରିୟାରେ ଅଧିକ ସମୟ ଲାଗୁଛି। ସିଏସ୍‌ସିରେ ଅନ୍ୟ କାର୍ଯ୍ୟ ହୋଇପାରୁନାହିଁ। କେବଳ ସୁଭଦ୍ରା ଫର୍ମ ଅପ୍‌ଲୋଡ୍ କଲେ ସିଏସ୍‌ସି କର୍ମୀମାନେ ଆର୍ଥିକ କ୍ଷତି ସହୁଛନ୍ତି। ଆଗାମୀ ଦିନରେ କର୍ମୀମାନେ ଏହି କାମ କରିବା ଏକ ପ୍ରକାର ଅସମ୍ଭବ ହୋଇଯିବ। ତେଣୁ ଫର୍ମ ପିଛା ୧ଶହ ଟଙ୍କା ଦିଆଯାଉ ବୋଲି ସୂତାର କହିଥିଲେ।

## ଆର୍‌ଏସ୍‌ପିରେ ସ୍ୱଚ୍ଛତା ପକ୍ଷ ପାଳନ



ଆଇଜି ପାର୍କରେ ମା’ ପାଇଁ ବୃକ୍ଷଟିଏ ଅଭିଯାନରେ ବୃକ୍ଷରୋପଣ କରାଯାଉଛି।

ରାଉରକେଲା,୧୯।୯(ବିପ୍ଳବରଞ୍ଜନ ଦାଶ)

ଆର୍‌ଏସ୍‌ପିଠାରେ ଜାରିଥିବା ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ବିଭିନ୍ନ ୟୁନିଟରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟଧାରାରେ କର୍ମଚାରୀ, ଛାତ୍ରୀଛାତ୍ର ଏବଂ ଇସ୍ପାତ ସହରର ବାସିନ୍ଦା ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସ୍ୱଚ୍ଛତା ପକ୍ଷ ପାଳନ ନେଇ ସ୍ୱଚ୍ଛତା ସଂକଳ୍ପ ଗ୍ରହଣ ଏବଂ ସଫେଇ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଏନେଇ ମାନବ ସମ୍ବଳ ବିଭାଗର ସମାଧାନ ସମ୍ମିଳନୀ ହଲରେ ଏକ ସଂକଳ୍ପ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହାର ନେତୃତ୍ୱ ନେଇଥିଲେ। ଏଥିରେ ସିଜିଏମ୍ ଏଚଆର ଏସ୍.ପଣ୍ଡା, ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। କଞ୍ଚାମାଲ ପ୍ରବନ୍ଧନ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସିଜିଏମ ଏସ.ଏସ ରାୟଚୌଧୁରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ସ୍ୱଚ୍ଛତା ସଂକଳ୍ପ ନେଇଥିଲେ। ବିଭାଗୀୟ ସମ୍ମିଳନୀ କକ୍ଷ ମଧ୍ୟରେ ଆୟୋଜିତ ଅନ୍ୟ ଏକ ସମାରୋହରେ ସିଏଣ୍ଡ ଆଇଟି ବିଭାଗର କର୍ମଚାରୀମାନେ ବିଭାଗୀୟ ସିଜିଏମ କେ.କେ ସେନଗୁପ୍ତାଙ୍କର ନେତୃତ୍ୱରେ ସ୍ୱଚ୍ଛତା ସଂକଳ୍ପ ନେଇଥିଲେ। ସିଲିକନ ଷ୍ଟିଲ ମିଲଠାରେ ଜିଏମ୍ ଇନଚାର୍ଜ ଚିତରଞ୍ଜନ ମିଶ୍ର ସଂକଳ୍ପ ସମାରୋହ ନେତୃତ୍ୱ ନେଇଥିବାବେଳେ ବହୁସଂଖ୍ୟକ କର୍ମଚାରୀ ଏଥିରେ ଅଂଶଗ୍ରହଣ କରି ସଙ୍ଗଠନର ସ୍ୱଚ୍ଛତା ପ୍ରତିବଦ୍ଧତାକୁ ଦୋହରାଇ ଥିଲେ। ଏଭଳି ଟାଉନ ସର୍ଭିସେସରେ ଆୟୋଜିତ ଅନ୍ୟ ସଂକଳ୍ପ ଗ୍ରହଣ ସମାରୋହରେ ଜିଏମ୍ ଇନଚାର୍ଜ ଟିଜି କାନେରଙ୍କ ନେତୃତ୍ୱରେ ୭୦ଜଣ କର୍ମଚାରୀ ଶପଥ ନେଇଥିଲେ। ଡିଜାଇନ ବିଭାଗର ଏଜିଏମ୍ ଶଶି କିରଣ କୁମାରଙ୍କ ନେତୃତ୍ୱରେ ୪୦ଜଣ କର୍ମଚାରୀ ସ୍ୱଚ୍ଛତା ସଂକଳ୍ପ ଗ୍ରହଣ କରିଥିଲେ। ପରେ ମା’ ପାଇଁ ବୃକ୍ଷଟିଏ ଶୀର୍ଷକରେ ଆଇଜି ପାର୍କରେ ଉଦ୍ୟାନ କୃଷି ୟୁନିଟ୍ ଦ୍ୱାରା ବିଭାଗୀୟ ଡିଜିଏମ ଡ. ଅଭିଜିତ ବିଶ୍ୱାସଙ୍କ ନେତୃତ୍ୱରେ ବୃକ୍ଷରୋପଣ ଅଭିଯାନ ଅନୁଷ୍ଠିତ ହୋଇଥିଲା।

## ଏନ୍‌ଆଇଟି ପରିଦର୍ଶନ କଲେ ୪୯ ଛାତ୍ରୀ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ବିଜ୍ଞାନଜ୍ୟୋତି କାର୍ଯ୍ୟକ୍ରମ ଅନ୍ତର୍ଗତ ଶିକ୍ଷା ଭ୍ରମଣ ଲାଗି ସୁନ୍ଦରଗଡ଼ ଜବାହାର ନବୋଦୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଏକଲବ୍ୟ ମଡେଲ ରେସିଡେନ୍ସିଆଲ୍ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ରୀ ତଥା ଶିକ୍ଷୟିତ୍ରୀ ଶିକ୍ଷକମାନେ ଗୁରୁବାର ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ପରିଦର୍ଶନ କରିଛନ୍ତି। ଏହି ଯୋଜନା ଅଧୀନରେ ଏନ୍‌ଆଇଟି ଉକ୍ତ ସ୍କୁଲଗୁଡ଼ିକର ନଲେଜ୍ ପାର୍ଟନର ଭାବେ କାର୍ଯ୍ୟ କରୁଛି। ଏନ୍‌ଆଇଟିରେ ଥିବା ବିଜ୍ଞାନ ପ୍ରୟୋଗଶାଳା, କେନ୍ଦ୍ରୀୟ ଗବେଷଣା ସୁବିଧା ପରିଦର୍ଶନ ବ୍ୟବସ୍ଥା ରହିଛି। ଉକ୍ତ ଏକ ଦିବସୀୟ ଶିକ୍ଷା ପରିଦର୍ଶନ କାର୍ଯ୍ୟକ୍ରମରେ ୪୯ଜଣ ଛାତ୍ରୀ ଯୋଗ ଦେଇଥିଲେ। ବିଜ୍ଞାନଜ୍ୟୋତି କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ତଥା ପ୍ରଫେସର ଏସ୍.ଏନ୍. ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପ୍ରଫେସର ଦାସ କହିଲେ, ବିଜ୍ଞାନ କ୍ଷେତ୍ରରେ ମହିଳାମାନଙ୍କ ପ୍ରତିନିଧିତ୍ୱ ଏକ ବହୁମୁଖୀ ସମସ୍ୟା ଅଟେ। ଉକ୍ତ ଯୋଜନାରେ ଛାତ୍ରୀମାନଙ୍କୁ ଲ୍ୟାବ୍, ଗବେଷଣା କେନ୍ଦ୍ର ଆଦି ପରିଦର୍ଶନ ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯାଉଛି ବୋଲି ସେ କହିଥିଲେ। ସେହିପରି ମୁଖ୍ୟଅତିଥି ଭାବେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ ଏହି ପରିଦର୍ଶନ ଯୋଗୁ ଛାତ୍ରୀମାନଙ୍କ କ୍ୟାରିୟର ସମ୍ଭାବନାରେ ସହାୟକ ହେବ ବୋଲି କହିଥିଲେ। ଅନୁରୂପ ଭାବେ କେଏନ୍‌ଭି ସୁନ୍ଦରଗଡ଼ର ଅଧ୍ୟକ୍ଷ ଟି. କେ. ଚଟୋପାଧ୍ୟାୟ, ଏନ୍‌ଆଇଟି ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ ପ୍ରମୁଖ ମଞ୍ଚାସୀନ ଥିଲେ। କେଏନ୍‌ଭି ସୁନ୍ଦରଗଡ଼ ସଂଯୋଜିକା କୁମାରୀ ଜୟଶ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ମହିଳାଙ୍କ ପାଇଁ ଅଧିକ ଅବସର ବୃଦ୍ଧି କରିବାକୁ ବିଜ୍ଞାନଜ୍ୟୋତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀ ଏବଂ ଅନ୍ୟମାନେ।

## ଛାତ୍ରୀଛାତ୍ରଙ୍କ ମାନସିକ, ବୌଦ୍ଧିକ ବିକାଶ ପାଇଁ ଯତ୍ନବାନ୍ ହୁଅ



ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ରାଉରକେଲା,୧୯।୯(ଦିନେଶ ମିଶ୍ର)

### ଆଭା ଅନ୍ୱେଷର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ରାଉରକେଲା ଡେଲିମାର୍କେଟ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିକ୍ଷାର୍ଥୀ ଶିକ୍ଷକ ସାମାଜିକ କଲ୍ୟାଣ ସଙ୍ଗଠନ ଆଭା ଅନ୍ୱେଷ ପକ୍ଷରୁ ନବମ ବାର୍ଷିକୋତ୍ସବ ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବୀର ବିର୍ସା ମୁଣ୍ଡା ସୀମାନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ଧର ମୁଖ୍ୟ ଅତିଥି, ବନ୍ଧମୁଣ୍ଡା କାଷ୍ଟ କଲେଜର ଇତିହାସ ବିଭାଗ ଅଧ୍ୟାପକ ମନୋଜ କୁମାର ସାମଲ ମୁଖ୍ୟ ବକ୍ତା, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନ ସମ୍ପାଦକ ଶରତ କୁମାର ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମାନସିକ ଓ ବୌଦ୍ଧିକ ବିକାଶ ପାଇଁ ଯତ୍ନବାନ ହେବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ଅନନ୍ତ ଚରଣ ନାୟକ ଅତିଥି ପରିଚୟ ସାଙ୍ଗକୁ ମଞ୍ଚପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକମାନେ ଉପସ୍ଥିତ ଥିଲେ। ବିଦ୍ୟୁତଲତା ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

## ପାୱାର ଲିଫ୍‌ଟିଂ ପ୍ରତିଯୋଗିତାରେ ସୁନ୍ଦରଗଡ଼ ଜିଲା ଖେଳାଳିଙ୍କ କୃତିତ୍ୱ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ହରିୟାଣା ସୋନିପତରେ ସେପ୍ଟେମ୍ବର ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଶକ୍ତି ଉତ୍ତୋଳନ (ପାୱାର ଲିଫ୍ଟିଂ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜ୍ୟର ବହୁସଂଖ୍ୟକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାର ୩ଜଣ ପ୍ରତିଯୋଗୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଲବ ମହାନନ୍ଦିଆ ୫୯ କେଜି ବର୍ଗରେ ରୌପ୍ୟପଦକ, କଲ୍ୟାଣୀ ସିଂହ ୫୨ କେଜି ମହିଳା ସିନିୟରରେ ରୌପ୍ୟପଦକ ଓ ବେଞ୍ଚପ୍ରେସରେ ସ୍ୱର୍ଣ୍ଣପଦକ ତଥା ଦିଲେଶ୍ୱର ସାହୁ ୧୦୫ କେଜି ସିନିୟର ବେଞ୍ଚ ପ୍ରେସ ପ୍ରତିଯୋଗିତାରେ ରୌପ୍ୟପଦକ ହାସଲ କରିଛନ୍ତି। ଡିଏଏର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ସକ୍ରିୟ ସଦସ୍ୟ ଜୟଦେବ ପାତ୍ର, ଦୁର୍ଗାମାଧବ ନାୟକ, ଅନିଲ ବହିଦାର, ପ୍ରଶାନ୍ତ ପଟେଲ ପ୍ରମୁଖ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୁନ୍ଦରଗଡ଼ ଡିଏସ୍‌ଓ ବିଶ୍ୱକେଶନ ପାଣ୍ଡେ, ଆର୍‌ୱାଇଏମ୍‌ଏ କ୍ଲବର ସଭାପତି ବିଷ୍ଣୁଚରଣ ମହାନ୍ତି, ସନ୍ତୋଷ ଭୂୟାଁ, ରବିନ୍ଦ୍ର ଗଣ୍ଡ, ଶରତ ବେହେରା, କମଲ ନାଗ, ଈଶ୍ୱର ନାୟକ, ପୂଜାରାଣୀ କିଷାନ, ପ୍ରଶିକ୍ଷକ ବିକ୍ରମ ସ୍ୱାଇଁ, ବାସୁଦେବ ବାନାର୍ଜୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



କୃତୀ ଖେଳାଳିଙ୍କୁ ପଦକ ପ୍ରଦାନ କରାଯାଇଛି।

## ୨୨ରେ ଗୋପବନ୍ଧୁଙ୍କ ଉପରେ ପ୍ରତିଯୋଗିତା

ରାଉରକେଲା,୧୯।୯(ଦିନେଶ ମିଶ୍ର): ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ, ଓଡିଆ ଭାଷା ଓ ଓଡ଼ିଶା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ଆଦର୍ଶ ପାଠାଗାର ପକ୍ଷରୁ ଆସନ୍ତା ୨୨ ତାରିଖରେ ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପରିସରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୪ର୍ଥରୁ ୭ମ ଶ୍ରେଣୀ ‘କ’ ବିଭାଗ ଓ ୮ମରୁ ୧୦ମ ଶ୍ରେଣୀ ଯାଏ ‘ଖ’ ବିଭାଗ କରାଯାଇଛି। ‘କ’ ବିଭାଗ ପାଇଁ ଦରଦୀବନ୍ଧୁ ଗୋପବନ୍ଧୁ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତା ଉକ୍ତ ଦିନ ପୂର୍ବାହ୍ନ ୯ଟା ୪୫ ମିନିଟ୍ ଯାଏ ହେବ। ପୂର୍ବାହ୍ନ ୧୦ଟାରେ ଶ୍ରୁତଲିଖନ ବନାନ ଶୁଦ୍ଧି ପ୍ରତିଯୋଗିତା ଆୟୋଜିତ ହେବ। ସେହିପରି ମହାନାୟକ ଗୋପବନ୍ଧୁ ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅପରାହ୍ନ ୫ଟା ୩୦ରେ ଆରମ୍ଭ ହେବ। ‘ଖ’ ବିଭାଗ ପାଇଁ ଗୋପବନ୍ଧୁ ଦାସଙ୍କ ସାହିତ୍ୟ ଅବଦାନ ସମ୍ପର୍କରେ ପ୍ରବନ୍ଧ ପ୍ରତିଯୋଗିତା ସକାଳ ୧୦ଟାରୁ ଆରମ୍ଭ ହେବ। ସେହିପରି ୭ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କ ପାଇଁ ସାଧାରଣ ଜ୍ଞାନ ପ୍ରତିଯୋଗିତା ପୂର୍ବାହ୍ନ ସାଢ଼େ ୧୧ଟାରୁ ହେବ। ‘ଖ’ ବିଭାଗ ପାଇଁ ଗୋପବନ୍ଧୁ ଦାସଙ୍କ ରାଜନୀତିକ ଅବଦାନ ସମ୍ପର୍କରେ ବକ୍ତୃତା ପ୍ରତିଯୋଗିତା ହେବ ବୋଲି ସଭାପତି ଚନ୍ଦ୍ରଶେଖର ଶତପଥୀ ଓ ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସୂଚନା ପ୍ରଦାନ କରିଛନ୍ତି।

## ଦୃଷ୍ଟିବାଧିତ ପିଲାଙ୍କ ସହ ଭାବ ବିନିମୟ କାର୍ଯ୍ୟକ୍ରମ

ରାଉରକେଲା,୧୯।୯(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ରୋଟାରୀ କ୍ଲବ ଭାଇବ୍ରାଣ୍ଟ ପକ୍ଷରୁ ଲାଠିକଟା କର୍ଲାଖମନ ସ୍ଥିତ ରାଧାକ୍ରିଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟରେ ଗୁରୁବାର ଦୃଷ୍ଟିବାଧିତ ପିଲାମାନଙ୍କ ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲବର ସଭାପତି ପ୍ରଶାନ୍ତ ରଞ୍ଜନ ପାତ୍ର ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ବସନ୍ତ କୁମାର ତନ୍ତିଙ୍କ ଆବାହକତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କ୍ଲବ ପକ୍ଷରୁ ସ୍କୁଲ ଅନ୍ତେବାସୀମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ତଥା ଅଧକ୍ଷ ଅଜିତ ମୋହନ ପୂଜାରୀ ରୋଟାରୀ କ୍ଲବର ସାମାଜିକ ପ୍ରତିବଦ୍ଧଶୀଳ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଗୋପୀନାଥ ନାୟକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଗଣେଶ୍ୱର ପଟ୍ଟନାୟକ, ଡକ୍ଟର ମିନତୀ ପଣ୍ଡା, ପ୍ରଫେସର ଡକ୍ଟର କ୍ରିଷ୍ଣା ପରମାଣିକ, ସବିତା ମହାନ୍ତି, ଅନୀତା ନାୟକ, ଜ୍ୟୋତ୍ସ୍ନା ପଟ୍ଟନାୟକ, କମଳେନ୍ଦୁ ପରିଡା, ଦୀପ୍ତି ଜ୍ୟୋତି ମିଞ୍ଜ, ରାଜଲକ୍ଷ୍ମୀ ସୁତାର, ପୁଷ୍ପା ସାମଲ, ପିଣ୍ଟୁ ପ୍ରସାଦ ପ୍ରମୁଖ ସହଯୋଗ କରିଥିଲେ।

## ସର୍ବନିମ୍ନ ପେନସନ ଦାବିରେ ଗଣବିକ୍ଷୋଭ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ପକ୍ଷରୁ ଗୁରୁବାର ଦେଶବ୍ୟାପୀ ସମସ୍ତ ଭବିଷ୍ୟନିଧି କମିଶନର (ପିଏଫ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଏହି କ୍ରମରେ ବିଏମ୍‌ଏସ୍ ସୁନ୍ଦରଗଡ଼ ଜିଲା ପକ୍ଷରୁ ସିଭିଲଟାଉନଶିପ୍ ସ୍ଥିତ ଇପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବର୍ତ୍ତମାନ ସର୍ବନିମ୍ନ ୧ ହଜାର ଟଙ୍କା ପେନସନ୍ ମିଳୁଛି। ତାକୁ ୫ ହଜାର ଟଙ୍କା କରିବା ସହ ମହଙ୍ଗା ଭତ୍ତା ସହିତ ଯୋଡାଯିବା ଏବଂ ପେନସନ୍ ଭୋଗୀଙ୍କ ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରାଇବା ଆଦି ୩ଦଫା ଦାବି କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଞ୍ଚଳିକ ଭବିଷ୍ୟନିଧି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମେ ୧୫, ୧୭ ଟଙ୍କା ପେନସନ୍ ମଧ୍ୟ ମିଳୁଥିଲା। ଭାଜପା ସରକାର ୨୦୧୪ରେ ଆସିବା ପରେ ଏହାକୁ ୧ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଏହି ମଧ୍ୟରେ ଦରଦାମ ବୃଦ୍ଧି ଘଟିଛି। ତେଣୁ ଏହାକୁ ବୃଦ୍ଧି କରିବାକୁ ବିଏମ୍‌ଏସ୍ ଦାବି କରୁଛି ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସମ୍ପାଦକ ସଞ୍ଜୟ ଶତପଥୀଙ୍କ ନେତୃତ୍ୱରେ ଉକ୍ତ ବିକ୍ଷୋଭ କରାଯାଇଥିଲା। ଏଥିରେ ରାଜଗାଙ୍ଗପୁର, ଝାରସୁଗୁଡ଼ା, ବିରମିତ୍ରପୁର ଓ ରାଉରକେଲାର ଶତାଧିକ ସଦସ୍ୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ହିମାଂଶୁ ବଳ, ଲକ୍ଷ୍ମଣ ଦାସ, ରାଜେନ୍ଦ୍ର ମହାନ୍ତ, ବିବେକ ମହାନ୍ତ, ସମିତା ମିଶ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।



ପିଏଫ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଆର୍‌ଏମ୍‌ସି କୃଷକ ବଜାର ବିପଦସଙ୍କୁଳ

ରାଉରକେଲା,୧୯।୯(ସଙ୍ଗୀତା ଜେନା)

ରାଉରକେଲା ଏବଂ ବିଶ୍ରା, ନୂଆଗାଁ, କୁଆଁରମୁଣ୍ଡା, ରାଜଗାଙ୍ଗପୁର ଆଦି ଅଞ୍ଚଳର ଚାଷୀମାନଙ୍କ ଉତ୍ପାଦ, କୃଷିଜାତ ଦ୍ରବ୍ୟ, ଫଳ ପନିପରିବା ଆଦିକୁ ସୁବିଧାରେ ବିକ୍ରି କରିବାକୁ କୃଷକ ବଜାର ତିଆରି କରାଯାଇଛି । ଏହା ପାନପୋଷ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପରିଚାଳନା କରାଯାଉଛି। ହେଲେ ଏହାର ବର୍ତ୍ତମାନର ଅବସ୍ଥା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନାହିଁ। ଏହା ସିଭିଲଟାଉନଶିପ୍‌ଠାରେ ବିଜୁ ମାର୍କେଟ କମ୍ପ୍ଲେକ୍ସ ନାମରେ ପରିଚିତ। ୨୦୦୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କରକମଳରେ ଏହି କୃଷକ ବଜାର ଲୋକାର୍ପିତ ହୋଇଥିଲା। ପ୍ରାୟ ୭୩ ଡେସିମିଲ୍ ଜମିରେ ୫ଟି ସେଡ୍ ସମେତ ଉଠାପିଣ୍ଡି ରହିଛି। ବର୍ତ୍ତମାନ ଏହାର ଛାତ ଜରାଜୀର୍ଣ୍ଣ ଏବଂ ବିପଦସଙ୍କୁଳ ହୋଇପଡ଼ିଛି। ଉକ୍ତ ଛାତରୁ ସ୍ଥାନେ ସ୍ଥାନେ କଂକ୍ରିଟ ଖସି ଦୁର୍ବଳ ହୋଇଗଲାଣି। ପାଚେରୀ ଗୁଡ଼ିକ ଭାଙ୍ଗିରୁଜି ଯାଇଛି। ମୁଖ୍ୟଗେଟ୍ ଖୋଲା ରହୁଥିବା ଯୋଗୁ ସନ୍ଧ୍ୟାରେଏଠାରେ ନିଶାଡ଼ିମାନଙ୍କ ଆଡ୍ଡା ଜମୁଛି। ଅସାମାଜିକ ତତ୍ତ୍ୱଙ୍କ



ବିପଦସଙ୍କୁଳ ଅବସ୍ଥାରେ ସିଭିଲଟାଉନଶିପ୍ କୃଷକ ବଜାର ।

### ପାଣିରେ ପଡ଼ିଲା ୫୦ ଲକ୍ଷ ଟଙ୍କା

ସକ୍ରିୟତା ଯୋଗୁ ସ୍ଥାନୀୟ ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି କୃଷକ ବଜାରରେ ୨ଟି ଶୌଚାଳୟରେ ଜଳଯୋଗାଣ ବ୍ୟବସ୍ଥା ମଧ୍ୟ ଠିକ୍ ଭାବେ କରାଯାଉନାହିଁ। ସପ୍ତାହରେ ସୋମବାର ଏବଂ ଗୁରୁବାର ଏଠାରେ ବଜାର ବସିଥାଏ। ଜରାଜୀର୍ଣ୍ଣ ଛାତ ଅବସ୍ଥା ଦେଖି ଏଠାରେ ଚାଷୀମାନଙ୍କୁ ବସିବାକୁ ବାରଣ କରାଯାଇଛି। ଫଳରେ ସେମାନେ ବର୍ଷା, ଶୀତ, ଖରାରେ ଖୋଲା ଆକାଶ ତଳେ ବସିବାକୁ ବାଧ୍ୟ ହେଉଛନ୍ତି।

ବିଶ୍ରାରୁ ଆସୁଥିବା ଚାଷୀ ଶୁକ୍ରା ଓରାମ ଅଭିଯୋଗ କରିଛନ୍ତି, ପ୍ରାୟ ୧୦ ବର୍ଷ ହେଲା ସେ ଏଠାକୁ ବ୍ୟବସାୟ କରିବାକୁ ଆସୁଛନ୍ତି। ହେଲେ ଦିନକୁ ଦିନ ଉକ୍ତ ମାର୍କେଟ ଅବସ୍ଥା ଖରାପ ଆଡକୁ ଗତି କରୁଛି। ବର୍ଷା ଓ ଖରାରେ ହଇରାଣ ହେବାକୁ ପଡୁଛି। ବଜାର ପରିସରରେ କମିଟିର କାର୍ଯ୍ୟାଳୟ ଥିଲେ ମଧ୍ୟ ଆଖିଦୃଶିଆ ସୁବିଧା ମିଳୁନାହିଁ। ବଜାରର ପୁନରୁଦ୍ଧାର ନିହାତି ଆବଶ୍ୟକ। ବ୍ୟବସାୟିକ ଭିତ୍ତିଭୂମି ଥିଲେ ମଧ୍ୟ ଅବ୍ୟବସ୍ଥା ଯୋଗୁ ଏଠାକୁ ଆସିବା ଲାଗି ଇଚ୍ଛା ହେଉନାହିଁ ବୋଲି ଶୁକ୍ରା କହିଥିଲେ। ସେହିପରି ସ୍ଥାନୀୟ ଗ୍ରାହକ ବିନୋଦ କୁମାର ରାଉତ କହିଥିଲେ, ସେଡ୍‌ଗୁଡ଼ିକ ବହୁ ପୁରୁଣା। କିଛି ବର୍ଷ ମଧ୍ୟରେ ପ୍ରାୟ ୫୦ ଲକ୍ଷ ଟଙ୍କାରେ ବାମ ପାର୍ଶ୍ୱରେ ନୂତନ ପିଣ୍ଡି, କମିଟି କାର୍ଯ୍ୟାଳୟ, ପାଚେରି ଆଦି ନିର୍ମାଣ କରାଯାଇଥିଲା। ତାହା ମଧ୍ୟ ନଷ୍ଟ ହୋଇଗଲାଣି। ସିଭିଲଟାଉନଶିପ୍ ଭଳି ସ୍ଥାନରେ ଏପରି ଜରାଜୀର୍ଣ୍ଣ ମାର୍କେଟ ଶୋଭା ବର୍ଦ୍ଧନରେ ପ୍ରତିବନ୍ଧକ ସୃଷ୍ଟି କରୁଛି। ଏହାବ୍ୟତୀତ ରାତି ହେଲେ ଅସାମାଜିକମାନେ ଏଠାରେ ମଦ ଓ ଡ୍ରଗ୍ସର ଅବାଧ ବ୍ୟବହାର କରୁଛନ୍ତି ବୋଲି ରାଉତ କହିଥିଲେ। ଏ ସମ୍ପର୍କରେ ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ପରିଚାଳନା ସମ୍ପାଦକ ସଞ୍ଜୟ ପ୍ରଧାନଙ୍କୁ ପଚରାଯିବାରୁ ସେ କହିଲେ, ଏଠାକୁ ୨/୩ ଶହ ଚାଷୀ ଓ ବେପାରୀ ଆସୁଛନ୍ତି। ସେଡ୍‌ଗୁଡ଼ିକ ନଷ୍ଟ ହୋଇଯାଇଛି। ଏହାର ପୁନଃ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏଷ୍ଟିମେଶନ ମଧ୍ୟ ଶେଷ ହୋଇଛି। ସେହିପରି ଅସାମାଜିକଙ୍କ ନିୟନ୍ତ୍ରଣ ପାଇଁ ସ୍ଥାନୀୟ ପୋଲିସର ସହାୟତା ନିଆଯାଉଛି। ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରାଯାଉଛି ବୋଲି ପ୍ରଧାନ କହିଥିଲେ।

**୭୫ ଲିଟର ଦେଶୀ ମଦ ଜବତ**

ସମ୍ବଲପୁର,(ପ୍ରମୋଦ ବହିଦାର): ସମ୍ବଲପୁର ଅବକାରୀ ବିଭାଗ ପକ୍ଷରୁ ଅଇଁଠାପାଲି ଥାନା ଅନ୍ତର୍ଗତ ଡେଙ୍ଗେଲପଡ଼ା ଅଞ୍ଚଳରୁ ୭୫ଲିଟରଦେଶୀମଦଗୁରୁବାରଜବତକରାଯାଇଛି। ମଦଗଛିତରଖିବିକ୍ରୀକରିବାଅଭିଯୋଗରେ୨ମହିଳାଙ୍କୁଅବକାରୀବିଭାଗ ଅଟକରଖିଛି। ଉକ୍ତପଡ଼ାରେବେଆଇନଦେଶୀମଦକାରବାରଚାଲୁଥିବାଅବକାରୀବିଭାଗରେଅଭିଯୋଗହୋଇଆସୁଥିଲା।



**ସଂକ୍ଷେପରେ**

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠା ଦିବସ

**ସମ୍ବଲପୁର,୧୯।୯(ବି.ଶଙ୍କର)**

ସମ୍ବଲପୁର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୫୦ତମ ପ୍ରତିଷ୍ଠା ଦିବସଓ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ଇନ୍ଦ୍ରାନୁଜ ପଣ୍ଡା ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରିଥିଲେ। ଏହାପରେ ମାତୃ ନିବାସ(ସମାଧି) ନିକଟରେ ସାମୂହିକ ଧ୍ୟାନ, ପୂର୍ବାହ୍ନ ୧୦ଟା ୩୦ରେ ବିଦ୍ୟାଳୟ ପରିସର ପେଣ୍ଡାଲରେ ସଭା ହୋଇଥିଲା। ପୂର୍ବତନ ସମ୍ପାଦକ ତଥା ଟ୍ରଷ୍ଟି ଡ. ବାବୁଲୁ ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ୍ ଡ. ନିରୂପମା ବଡପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ଇନ୍ଦ୍ରାନୁଜ ପଣ୍ଡା ବକ୍ତାଭାବେ ଯୋଗଦେଇ ବିଦ୍ୟାଳୟର ଗାରିମା ବିଷୟରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ଯୁଗ୍ମ ସମ୍ପାଦକ ଉଦୀତ ଚନ୍ଦ୍ର ବାବୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟକ୍ଷ ଦାୟିତ୍ୱରେ ଥିବା ବ୍ରଜ କିଶୋର ହୋତା ସ୍କୁଲର ୫୦ ବର୍ଷର ଇତିହାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ବୀରେନ୍ଦ୍ର କୁମାର ପାଣିଗ୍ରାହୀ ସଭା ପରିଚାଳନା ଓ ଉପାଧ୍ୟକ୍ଷ ବିଶେଶ୍ୱର ବହିଆ ଧନ୍ୟବାଦ ଅର୍ପଣ କରିଥିଲେ। ନର୍ସରୀ ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଟ୍ରଷ୍ଟି ନାରାୟଣ ଭୋଇ ଆଧ୍ୟାତ୍ମିକ ପତାକା ଅବତରଣ କରିଥିଲେ।

## ଭାଲୁପାଲି ଉନ୍ନୟନ ପରିଷଦ ଗଠିତ

**ସମ୍ବଲପୁର,୧୯।୯(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଭାଲୁପାଲି ଅଞ୍ଚଳର ବିକାଶ ପାଇଁ ଭାଲୁପାଲି ଉନ୍ନୟନ ପରିଷଦ ଗଠନ କରାଯାଇଛି। ପଣ୍ଡିତ ଅମରନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ଅମୂଲ୍ୟ ମିଶ୍ରଙ୍କୁ ସଭାପତି, ଗତିକୃଷ୍ଣ ପଣ୍ଡା ଏବଂ ବଜରଙ୍ଗ ମୁଣ୍ଡାଙ୍କୁ ଉପସଭାପତି, ନିଶିକାନ୍ତ ବିଶ୍ୱାଳ ସମ୍ପାଦକ, ରଙ୍କ ବାର୍ଡିଆ ଏବଂ ଜିତେନ ମୁଣ୍ଡାଙ୍କୁ ସହସମ୍ପାଦକ, ଆଶିଷ କୁମାର ସାହୁଙ୍କୁ କୋଷାଧ୍ୟକ୍ଷ, ହରିବନ୍ଧୁ ସେନାପତିଙ୍କୁ ସହକୋଷାଧ୍ୟକ୍ଷଭାବେ ମନୋନୀତ କରାଯାଇଥିଲା। ସେହିପରି ପଣ୍ଡିତ ଅମରନାଥ ମିଶ୍ର, ରାଧାକାନ୍ତ ମହାପାତ୍ର, ଶରତ ପଟ୍ଟନାୟକ, ବିକ୍ରମ ମୁଣ୍ଡା, ଗୋକୁଳ ମୁଣ୍ଡା, ପଙ୍କଜ ମହାପାତ୍ର, ରବୀନ୍ଦ୍ର ଦାଶ, ପ୍ରଭୁଚରଣ ମୁଦୁଲି, ଦୟାନିଧି ବିଶ୍ୱାଳ, ପ୍ରଦୀପ୍ତ ପ୍ରଧାନ, ପ୍ରଶାନ୍ତ ନାଥ ଏବଂ ସନ୍ତୋଷ ମୁଣ୍ଡାଙ୍କୁ ପରିଷଦ ଉପଦେଷ୍ଟା କମିଟିରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଭାଲୁପାଲି ଉନ୍ନୟନ ପରିଷଦରେ ବୈଦିକ ବିହାର, ବିର୍ସାମୁଣ୍ଡା ସ୍କୁଲଗଳି, ଉତ୍କଳ ବିହାର, ଜାୟକଡ଼ି ନଗର, ଭାଲୁପାଲି ବସ୍ତି, ଡିଲେଇମାଲ, ରାଧାରାଣୀ ବିହାର ଅଞ୍ଚଳର ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବ ବୋଲି ମନୋନୀତ ସଭାପତି ମିଶ୍ର କହିଛନ୍ତି।

## ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣବତ୍ତାର ସମୀକ୍ଷା

**ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)**

ଭାରତ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁଣବତ୍ତାକୁ ନିଶ୍ଚିତ କରିବାକୁ ଦିଆଯାଇଥିବା ଆହ୍ୱାନ କ୍ରମେ ସମ୍ବଲପୁରରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟସେବା ଗୁଣବତ୍ତା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ଗୁଣବତ୍ତାକୁ ସମୀକ୍ଷା କରାଯାଇଥିଲା। ଜିଲାପାଳ ବୋନ୍ଦର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟସେବୀମାନଙ୍କୁ ସ୍ୱାସ୍ଥ୍ୟସେବାର ଗୁଣବତ୍ତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସମ୍ବଲପୁର ଜିଲାର ୫ଟି ଚିକିତ୍ସା କେନ୍ଦ୍ରକୁ ସ୍ୱାସ୍ଥ୍ୟସେବା ଗୁଣବତ୍ତା ସାର୍ଟିଫିକେଟ ମିଳିଛି। ଚଳିତ ମାସ ଜିଲାର ଆହୁରି ୫ ଟି ଚିକିତ୍ସା କେନ୍ଦ୍ରରେ ସ୍ୱାସ୍ଥ୍ୟସେବାର ଗୁଣବତ୍ତାକୁ ଜାତୀୟସ୍ତରରେ ସମୀକ୍ଷା କରାଯିବ। ଚଳିତବର୍ଷ ୨୦୨୪-୨୫ରେ ୭୪ଟି ଏବଂ ଆଗାମୀ ୨୦୨୫-୨୬ ବର୍ଷ ପାଇଁ ୪୪ଟି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୁଣବତ୍ତା ସାର୍ଟିଫିକେଟ୍ ପ୍ରଦାନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ତେଣୁ ଉକ୍ତ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟସେବାର ଗୁଣବତ୍ତାକୁ ଜିଲାସ୍ତରରେ ଜିଲାପାଳ ବୋନ୍ଦର ସମୀକ୍ଷା କରି ଗୁଣବତ୍ତା ସାର୍ଟିଫିକେଟ୍ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ବିଭାଗୀୟ କର୍ମଚାରୀ ତଥା ସ୍ୱାସ୍ଥ୍ୟସେବୀଙ୍କୁ ମିଳିତଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲାରେ ଟୀକାକରଣ, ପରିବାର ନିୟୋଜନ, ଯକ୍ଷ୍ମା ନିୟନ୍ତ୍ରଣ ଆଦି ଉପରେ ମଧ୍ୟ ସମୀକ୍ଷା ହୋଇଥିଲା।

# ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**କୁଚିଣ୍ଡା,୧୯।୯(ବିରଞ୍ଚି ଦର୍ଶୀ)**


ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟ ଅଧିକାରୀମାନେ।

**କୁଚିଣ୍ଡାରେ ଏସିଡିସି ସମୀକ୍ଷା ବୈଠକ**

ସମ୍ବଲପୁର ଜିଲା କୁଚିଣ୍ଡା ଆଇଟିଡିଏ ସମ୍ମିଳନୀ କକ୍ଷରେ ଗୁରୁବାର ଏସିଡିସି(ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି)ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ଏଥିରେ ଅଧ୍ୟକ୍ଷତା କରି କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରି ଲୋକଙ୍କ ବିକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ସମସ୍ତ ବିଭାଗର ସମୀକ୍ଷା କରି କାର୍ଯ୍ୟର ଅଗ୍ରଗତି ଓ ଆଗକୁ କିଭଳି ଅଧିକ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଏତଦ୍‌ବ୍ୟତୀତ ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ଚାଷୀ କିଭଳି ଅଧିକରୁ ଅଧିକ ଉପକୃତ ହୋଇ ପାରିବେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମୁଖ୍ୟତଃ ଜଳସେଚନ ଜଳଯୋଗାଣ, ସ୍ୱାସ୍ଥ୍ୟ, ପରିମଳ, କୃଷି, ରାସ୍ତାଘାଟ, ସ୍ୱାସ୍ଥ୍ୟ, ଯୋଗାଣ, ଶିକ୍ଷା, ମହିଳା ଓ ଶିଶୁ ବିଭାଗ ଉପରେ ଆଲୋଚନା ହୋଇଥିଲା। ଏହି ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶର ବଳିରାମ ବୋନ୍ଦର, ଜିଲା ପରିଷଦର ସିଡିଓ ଧର୍ମେନ୍ଦ୍ର ମଲ୍ଲିକ, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, କୁଚିଣ୍ଡା ଏନଏସି ଅଧ୍ୟକ୍ଷ ପ୍ରଦ୍ୟୁତ୍ କୁମାର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ପ୍ରଧାନ, ସିଡିଏମଓ, ଜିଲା ଯୋଗାଣ ଅଧିକାରୀ, ଆରଡବ୍ଲ୍ୟୁଏସଏସ, କ୍ଷୁଦ୍ର ଜଳସେଚନ, ପିଏଚଡି, ଉଠାଜଳସେଚନ, ପୂର୍ତ୍ତବିଭାଗ, ଗ୍ରାମ୍ୟ ଉନ୍ନୟନ ଆଦି ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଡିଡବ୍ଲ୍ୟୁଓ, ଡିଇଓ, କୁଚିଣ୍ଡା ବିଡିଓ ନିରଞ୍ଜନ ସା, ବାମରା ବିଡିଓ ପୁଷ୍ପକ ପ୍ରଧାନ, ଜମନକିରା ବିଡିଓ ରୀନା ନାଏକଙ୍କ ସମେତ ବାମରା,କୁଚିଣ୍ଡା ଓ ଜମନକିରା ତହସିଲଦାର, ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗ ଦେଇଥିଲେ।

# ଜାତୀୟ ସନ୍ତରଣରେ କେନ୍ଦ୍ରୀୟ ବିଦ୍ୟାଳୟ-୧ ଛାତ୍ରଙ୍କ ସଫଳତା

**ସମ୍ବଲପୁର,୧୯।୯(ବି.ଶଙ୍କର)**

- ଅଂଶୁମାନଙ୍କୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ ପଦକ
- ପ୍ରଭୁଦାସଙ୍କୁ କାଂସ୍ୟ ପଦକ

୫୩ତମ ଜାତୀୟ କେନ୍ଦ୍ରୀୟ ବିଦ୍ୟାଳୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଗତ ୧୦ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ହୋଇଥିଲା। ଏଥିରେ ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟର ଯୋଗ୍ୟ ବିବେଚିତ ହୋଇଥିବା ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହିକ୍ରମରେ ଓଡ଼ିଶା କେନ୍ଦ୍ରୀୟ ବିଦ୍ୟାଳୟ ଦଳ ଏହି ଜାତୀୟ ପ୍ରତିଯୋଗୀତାର ଅଂଶଗ୍ରହଣ କରିଥିଲା। ଓଡ଼ିଶା ଦଳରେ ସମ୍ବଲପୁରର ଅଂଶୁମାନ ମେର୍ଲି, ଅଂଶ ବରିହା, ଅନୁଜ ବରିହା, ପ୍ରଭୁଦାସ ପଣ୍ଡା, ଶ୍ରୀଜିତ ମହାକୁଡ଼ ଏବଂ ଅଙ୍କୁଶ ବାରିକ ଅଂଶଗ୍ରହଣ କରିଥିଲେ। ଅଂଶୁମାନ ମେର୍ଲି ୧୯ ବର୍ଷରୁ କମ୍ ୫୦ ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିପରି ୧୦୦ ମିଟର ଫ୍ରି-ଷ୍ଟାଇଲରେ ରୌପ୍ୟ ଏବଂ ୫୦ ମିଟର ଫ୍ରି - ଷ୍ଟାଇଲ ରେ କାଂସ୍ୟ ପଦକ ପାଇ ରାଜ୍ୟ ଓ ସମ୍ବଲପୁର ପାଇଁ ଗୌରବ ଆଣିଛନ୍ତି। ଏଥିସହ ପ୍ରଭୁଦାସ ପଣ୍ଡା ୨୦୦ ମିଟର ବେକ ଷ୍ଟ୍ରୋକରେ କାଂସ୍ୟ ପାଇଛନ୍ତି। ଗୁରୁବାର ଉଭୟ ଖେଳାଳିଙ୍କୁ ବିଦ୍ୟାଳୟର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅଭିନନ୍ଦନ ଜଣାଇଛନ୍ତି। ସମ୍ବଲପୁର ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଉଭୟ ଅଂଶୁମାନ ଏବଂ ପ୍ରଭୁଦାସ ଡାକ୍ତର ଝସକେତନ ସାହୁ ସନ୍ତରଣାଗାରରେ ଚିନ୍ତନ ନାୟକଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।


ଅଂଶୁମାନ ମେର୍ଲି।


ପ୍ରଭୁଦାସ ପଣ୍ଡା।

# ଡ୍ରେନେଜ ସମସ୍ୟା ସମାଧାନ ପାଇଁ ଅଣ୍ଟା ଭିଡ଼ିଲା ଏସ୍‌ଏମ୍‌ସି



ହିତାଧିକାରୀ ପରାମର୍ଶ ବୈଠକରେ ଉପସ୍ଥିତ ଏସ୍‌ଏମ୍‌ସି ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା।

**ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)**

**ୱାର୍ଡସ୍ତରୀୟ ହିତାଧିକାରୀ ପରାମର୍ଶ ବୈଠକ**

- ବୈଷୟିକ ବିଶେଷଜ୍ଞଙ୍କ କ୍ଷେତ୍ର ପରିଦର୍ଶନ

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଦୀର୍ଘଦଶନ୍ଧି ଧରି ଲାଗି ରହିଥିବା ବିପର୍ଯ୍ୟସ୍ତ ଡ୍ରେନେଜ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ସମ୍ବଲପୁର ମହାନଗର ନିଗମ। ଏସ୍‌ଏମ୍‌ସି ପକ୍ଷରୁ ସମ୍ବଲପୁର ସହତ ସହିତ ବୁର୍ଲା ଓ ହୀରାକୁଦ ସହରରେ ଡ୍ରେନେଜ ମାଷ୍ଟର ପ୍ଲାନ ଏବଂ ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍) ପ୍ରସ୍ତୁତ ପାଇଁ ବିଭିନ୍ନ ୱାର୍ଡରେ ହିତାଧିକାରୀ ପରାମର୍ଶ ବୈଠକମାନ ଆୟୋଜନ କରାଯାଉଛି। ଏଥିରେ ଉକ୍ତ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣଙ୍କଠାରୁ ପରାମର୍ଶ ଗ୍ରହଣ କରିବା ଅଭିଯାନ ଆରମ୍ଭ ହୋଇଛି। ଗୁରବାର ସମ୍ବଲପୁର ମହାନଗର ଅନ୍ତର୍ଗତ ୱାର୍ଡ ନମ୍ବର ୧୮ରେ ହିତାଧିକାରୀ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରେଇପାଲି ରାଣୀବନ୍ଧ ବଡ଼ ଶିବ ମନ୍ଦିର ସଂଲଗ୍ନ ପରିଚୟ ଗୃହରେ ଅନୁଷ୍ଠିତ ବୈଠକରେ ମହାନଗର ନିଗମର ବିଭିନ୍ନ ବିଭଗୀୟ ଅଧିକାରୀଙ୍କ ସମେତ ବୈଷୟିକ ବିଶେଷଜ୍ଞ ଉପସ୍ଥିତ ଥିଲେ। ୱାର୍ଡ ଅଧିକାରୀ ରାଜୀବ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଡେଲ ଓରାମ, ସନ୍ତୋଷ ସାହୁ, ନୀଳାମ୍ବର ସିକନ୍ଦର, ଗଣେଶ ଅଗ୍ରୱାଲ, ନନ୍ଦିନୀ ପଣ୍ଡା, କଳ୍ପନା ବାଗ, ସବିତା ସିକନ୍ଦର, ଉଦୟନୀ ହରିପାଲ, ମମତା ନାଗ ପ୍ରମୁଖ ସ୍ଥାନୀୟ ବାସିନ୍ଦା ଯୋଗଦେଇ ଅଞ୍ଚଳର ଡ୍ରେନେଜ ସମସ୍ୟା ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ଏଠାରେ ଥିବା ଡ୍ରେନ୍‌ଗୁଡ଼ିକର ନିୟମିତ ସଫେଇ ହେଉ ନ ଥିବାରେ ଅସନ୍ତୋଷ ପ୍ରକାଶ କରି ସ୍ଥାନୀୟ ଲୋକେ ନିୟମିତ ସଫେଇ ପାଇଁ ଉପସ୍ଥିତ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାବାଦ ଏସ୍‌ଏମ୍‌ସି ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନଙ୍କ ସହିତ ବୈଠକର ଅଂଶଗ୍ରହଣକାରୀ ସ୍ଥାନୀୟ ବାସିନ୍ଦା ବରେଇପାଲିରୁ ବେହେରାମୁଣ୍ଡା ଯାଏ ରାସ୍ତାକଡ଼ରେ ପ୍ରସ୍ତାବିତ ଡ୍ରେନ୍‌ର କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅବସରରେ ଏହି ରାସ୍ତାପାର୍ଶ୍ୱରେ ଥିବା ରେଳବାଇ କଲୋନୀ ବାହ୍ୟକାନ୍ଥରୁ ନିର୍ଗତ ହେଉଥିବା ଆବର୍ଜନା ପାଣି ଯୋଗୁ ଅଞ୍ଚଳରେ ଉତ୍ପନ୍ନ ସମସ୍ୟାର ଅନୁଧ୍ୟାନ କରିଥିଲେ।

## ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

**ନାକଟୀଦେଉଳ,୧୯।୯(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ୧ମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ୱାଗତ ସଭାରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଭଜମୋହନ ପ୍ରଧାନ, ବିଭୁତି ଭୂଷଣ ସାହୁ, ଅଧ୍ୟାପିକା ଜୟନ୍ତୀ ସାହୁ, ହିମାଂଶୁ ବାରିକ ଓ ସୁଦାମ ସାହୁ ଅନୁଶାସନ, ଶୃଙ୍ଖଳା, ସଞ୍ଜମତା ଏବଂ ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ୧ମ ବର୍ଷ ଛାତ୍ରୀଛାତ୍ରମାନେ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପିକା ପୁଷ୍ପାଞ୍ଜଳି ରବନାଙ୍କ ପରିଚାଳନାରେ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁମିତ୍ରା ବେହେରା, ବର୍ଷାରାଣୀ ସାହୁ ଓ ସିକି ପ୍ରଧାନ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ।

# ଶିକ୍ଷାବିତ୍ ବଂଶୀଧର ପ୍ରଧାନଙ୍କ ପରଲୋକ

**ସମ୍ବଲପୁର,୧୯।୯(ଭବାନୀ ଶଙ୍କର ଭୋଇ)**


ବଂଶୀଧର ପ୍ରଧାନ।

ସମ୍ବଲପୁରର ବିଶିଷ୍ଟ ଶିକ୍ଷାବିତ ବଂଶୀଧର ପ୍ରଧାନଙ୍କର ଗୁରୁବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୭ବର୍ଷ ହୋଇଥିଲା। କିଛିଦିନ ପୂର୍ବରୁ ସେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିଥିଲେ। ପୁଣି ଅସୁସ୍ଥ ହେବାରୁ ତାଙ୍କୁ ବୁର୍ଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଅଧ୍ୟାପିକା କାଦମ୍ବିନୀ ପ୍ରଧାନ, ଏକମାତ୍ର ପୁଅ ଇଂ. ସୌକୁମାର୍ଯ୍ୟ ପ୍ରଧାନ ଏବଂ ନାତି ନାତୁଣୀଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ। ସ୍ୱର୍ଗତ ପ୍ରଧାନ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥାପନ ଆନ୍ଦୋଳନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ସମ୍ବଲପୁର ବେସରକାରୀ ବସ୍ ମାଲିକ ସଂଘର ସେ ପ୍ରତିଷ୍ଠାତା ସଭ୍ୟ ଏବଂ ପୂର୍ବତନ ସଭାପତି ଥିଲେ। ଧନକଉଡ଼ାଠାରେ ଥିବା ବୀର ସୁରେନ୍ଦ୍ର ସାଏ ବିଦ୍ୟାଳୟ ଏବଂ ଯୁକ୍ତ ୨ ମହାବିଦ୍ୟାଳୟରର ସେ ପ୍ରତିଷ୍ଠାତା ସଭାପତି ଥିଲେ । ସମ୍ବଲପୁର ସାମାଜିକ ସାଂସ୍କୃତିକ ଏବଂ ଖେଳ ସଙ୍ଗଠନଗୁଡ଼ିକ ସହ ଜଡିତ ରହି ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ଏତଦ୍‌ଭିନ୍ନ ବିଭିନ୍ନ ଓଡ଼ିଆ ସିନେମା ଏବଂ ସୁରେନ୍ଦ୍ର ସାଏ ଡକୁମେଣ୍ଟାରୀରେ ସେ ଅଭିନୟ କରିଥିଲେ। ତାଙ୍କର ପରଲୋକ ଖବର ପାଇ ସମ୍ବଲପୁରର ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ତାଙ୍କ ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟା ୭ରେ ସମ୍ବଲପୁର ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁଅ ଇଂ. ସୌକୁମାର୍ଯ୍ୟ ପ୍ରଧାନ ମୁଖାଗ୍ନି ଦେଇଥିଲେ। ବଂଶୀଧର ପ୍ରଧାନଙ୍କ ପରଲୋକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକପ୍ରକାଶ କରିଛନ୍ତି ।

# ଜବତ ହେଲା ୬୫କେଜି ନିଷିଦ୍ଧ ପଲିଥିନ

**ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)**



କେନ୍ଦ୍ର ସରକାରଙ୍କ ଆହୂତ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ସମ୍ବଲପୁର ସହରକୁ ପ୍ଲାଷ୍ଟିକମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଛି। ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଗୁରବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ପ୍ରାୟ ୬୯ କିଲୋଗ୍ରାମ ନିଷିଦ୍ଧ ପଲିଥିନ ଜବତ କରାଯିବା ସହ ୧୧ ହଜାର ଟଙ୍କା ଜରିମାନା କରାଯାଇଛି। ମହାନଗର ନଗମ ସଫେଇ ଓ ପ୍ରବର୍ତ୍ତନ ବିଭାଗ ଅଧିକାରୀମାନେ ଗୋଲବଜାର ବୈଦ୍ୟନାଥ ଛକରେ ଥିବା ଏକ ପାଇକାରୀ ଦୋକାନରୁ ୬୫ କିଲୋଗ୍ରାମ ନିଷିଦ୍ଧ ପଲିଥିନ ଜବତ କରିଛନ୍ତି। ଏହାସହ ଦୋକାନ ମାଲିକଙ୍କଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବୁଢ଼ାରଜା ଅଞ୍ଚଳରେ ଅନ୍ୟ ଏକ ଦୋକାନରୁ ମଧ୍ୟ ଗଚ୍ଛିତ ଥିବା ୪ କିଲୋଗ୍ରାମ ନିଷିଦ୍ଧ ପଲିଥିନ ବ୍ୟାଗ ଜବତ କରାଯାଇ ୨ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଏହି ଅଭିଯାନରେ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନରୁ ନିଷିଦ୍ଧ ପଲିଥିନକୁ ଜବତ କରାଯାଇଥିଲା। ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହାନଗର ନିଗମ ଆୟୁକ୍ତ ବେଦଭୂଷଣ କହିଛନ୍ତି।

# ରକ୍ତଦାନ ଶିବିର: ୭୦ୟୁନିଟ ରକ୍ତ ସଂଗୃହୀତ

**ସମ୍ବଲପୁର,୧୯।୯(ବି.ଶଙ୍କର)**

ସମ୍ବଲପୁର ପରଧିଆପାଲିସ୍ଥିତ ଏମ୍ସ ମହାବିଦ୍ୟାଳୟ ପରିସରରେ ଏମ୍ସ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏମ୍ସ ମହାବିଦ୍ୟାଳୟ ପ୍ରତିଷ୍ଠାତା ଡ. ଶ୍ରୀକୁମାର ପାତ୍ର ଅତିଥି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ସଙ୍ଗଠନର ପରିଚାଳନା ନିର୍ଦ୍ଦେଶକ ଶ୍ରୀମନ୍ତ ପାତ୍ର ପରିଚାଳନା କରିଥିଲେ। ଶିବିରରେ ମୋଟ ୭୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ନିଜେ ରକ୍ତଦାନ କରି ମହାନଗର ନିଗମ କମିଶନର ବେଦଭୂଷଣ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏମ୍ସ ମହାବିଦ୍ୟାଳୟ ସମ୍ପାଦକ ଶ୍ରୀନିବାସ ପାତ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଅବିନାଶ ମିଶ୍ର, ଯୁକ୍ତ ୩ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ଯୁକ୍ତ ୨ ଅଧ୍ୟକ୍ଷ ଅଭିଜିତ ବାବୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ମହାବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ରକ୍ତଦାନ କରି ଅନ୍ୟମାନଙ୍କ ସକାଶେ ଉଦାହରଣ ସୃଷ୍ଟି କରିଛନ୍ତି।

# ଆବାସିକ ସଶକ୍ତୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର,୧୯।୯(ବି.ଶଙ୍କର)**

ଯୁକ୍ତ ୨ ଛାତ୍ରୀମାନଙ୍କ ସକାଶେ ଦୁଇଦିନିଆ ଆବାସିକ ସଶକ୍ତିକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ଶାସନ ନିକଟ ବ୍ରହ୍ମକୁମାରୀ ପାବନ ସରୋବରଠାରେ ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମାକୁମାରୀ ସମ୍ବଲପୁର ଉପକ୍ଷେତ୍ରର ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ଓ ତ୍ରିଲୋଚନ ନେତ୍ରାଳୟର ସ୍ଥିରତା ଦେଈ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟଶାଳାରେ ମୂଲ୍ୟବୋଧ ଶିକ୍ଷା, ମୂଲ୍ୟବୋଧ ଖେଳ, ବ୍ରହ୍ମମୁହୂର୍ତ୍ତରୁ ଯୋଗ, ଶାରୀରିକ ବ୍ୟାୟାମ ଓ ବିଭିନ୍ନ ପ୍ରେରଣାଦାୟକ ପ୍ରଭୃତି ଅନ୍ତର୍ଭୁକ୍ତ ରହିଥିଲା। ଏହା ସହିତ ଅନୁଶାସିତ ଜୀବନ ଶୈଳୀ, ନିସ୍ୱାର୍ଥ ସେବା ମନୋଭାବ, ସମୟ ଚକ୍ର ଓ କର୍ମଫଳ ସିଦ୍ଧାନ୍ତ, ସଶକ୍ତିକରଣର ପଦକ୍ଷେପ, ଏକାଗ୍ରତା ଶକ୍ତିର ସମ୍ପର୍କିତ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ନିଜକୁ ଜାଣିବା ସହ ପରମାତ୍ମା ଭଗବାନଙ୍କୁ ଜାଣିବା ଓ ଦିବ୍ୟଗୁଣର ଅଧିକାରୀ ହେବା ସମ୍ପର୍କିତ ବିଷୟ ମଧ୍ୟ ରହିଥିଲା। ବ୍ରହ୍ମକୁମାରୀ ଜ୍ୟୋତି, ବ୍ରହ୍ମକୁମାରୀ ସ୍ନେହା, ବ୍ରହ୍ମକୁମାରୀ ଆରତୀ, ବ୍ରହ୍ମକୁମାରୀ ବିନ୍ଦୁ, ବ୍ରହ୍ମକୁମାରୀ ମଞ୍ଜୁ, ବ୍ରହ୍ମକୁମାରୀ ଗୀତା, ବ୍ରହ୍ମକୁମାରୀ ଦୀପା, ବ୍ରହ୍ମାକୁମାରୀ ସୌସୁମୀ, ବ୍ରହ୍ମକୁମାରୀ କ୍ରିଷ୍ଣା ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।


ଆୟୋଜିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀମାନେ।

# ନିଜ ସଫଳତାକୁ ଅନ୍ୟ କାହାସହ ତୁଳନା କରନି

**ସମ୍ବଲପୁର,୧୯।୯(ପ୍ରମୋଦ ବହିଦାର)**



ସୁଇଟ୍‌ର ଓରିଏଣ୍ଟେଶନ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ସୁଇଟ୍‌ରେ ଓରିଏଣ୍ଟେଶନ କାର୍ଯ୍ୟକ୍ରମ**

ବିଦ୍ୟାର୍ଥୀ ନଜ ସଫଳତାକୁ ଅନ୍ୟ କାହା ସହ ତୁଳନା କରିବା ଅନୁଚିତ। ସଚ୍ଚୋଟତା ହିଁ ସଫଳ ଓ ସୁନ୍ଦର ଜୀବନ ଧାରଣର ଆଧାର। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ଓ ପ୍ରଦ୍ୟୋଗିକ ସଂସ୍ଥାନ(ସୁଇଟ୍)ର ଓରିଏଣ୍ଟେଶନ ଉତ୍ସବରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଏହା କହିଛନ୍ତି ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ନୃପରାଜ ସାହୁ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତିବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ଅନୁଷ୍ଠିତ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସୁଇଟ୍ ନିର୍ଦ୍ଦେଶକ ଡ. ସୁଦର୍ଶନ ଜେନା ନବାଗତ ଛାତ୍ରୀଛାତ୍ର ଓ ସେମାନଙ୍କ ପରିବାରଙ୍କୁ ସ୍ୱାଗତ କରିଥିଲେ। ସେ ବକ୍ତବ୍ୟ ରଖି ସଂସ୍ଥାନର ଉତ୍କର୍ଷତା ପ୍ରତିପାଦନ କରିବା ସହିତ ଏହାର ବିଭିନ୍ନ ଉପଲବ୍ଧି ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମାନବିକତା ଓ ଦାୟିତ୍ୱବୋଧତାର ଆବଶ୍ୟକତା ଉପରେ ଗୁରତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତ ଦାସ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ସଫଳତା ଲକ୍ଷ୍ୟରେ ଅଗ୍ରସର ହୋଇ ସୃଷ୍ଟି କରିଥିବା ବିଭିନ୍ନ ମାଇଲଖୁଣ୍ଟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ସମ୍ମାନୀତ ଅତିଥିଭାବେ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ କ୍ଲଷ୍ଟର ମୁଖ୍ୟ ଡ. କ୍ରିଷ୍ଣା ପାଢ଼ି ନେତୃତ୍ୱର ପରିଭାଷା ଓ ବିଭିନ୍ନ ଉପାଦାନ ଉପରେ ଆଲୋଚନା କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର, ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କ୍ଲବ ଉପାଧ୍ୟକ୍ଷା ଶିବାନୀ କର ଧନ୍ୟବାଦ ଅର୍ପଣ କରିଥିଲେ।

